# ସଭ୍ୟତାର ଆଗେ

କବି ରଘୁନାଥ ଦାସ

## ସଭ୍ୟତାର ଆଗେ

### ସୂଚନା

ଅତୀତର ପରମ୍ପରାକୁ ବୁଝି ଉପସ୍ଥିତ ପରିସ୍ଥିତିର ବିଚାର କରି ଭବିଷ୍ୟତ ଲାଗି ଯେଉଁ ପନ୍ଥା ନିର୍ଦ୍ଧାରଣ କରାଯାଏ, ତାହା ସାଧାରଣତଃ ପ୍ରମାଦଶୂନ୍ୟ ହୋଇଥାଏ ବୋଲି ଭାଗବତରେ ଉକ୍ତି ଅଛି । ଚଳନ୍ତି ସମାଜର ବିଭିନ୍ନ କ୍ଷେତ୍ରରେ ଯେଉଁସବୁ ସମସ୍ୟାମାନ, ଦେଖା ଦେଉଚି, ସେଗୁଡ଼ିକର

ସମାଧାନ ଲାଗି ପନ୍ଥା ବିଷୟରେ ଚିନ୍ତା କଲାବେଳେ, ଆମକୁ ଲକ୍ଷ୍ୟ ଦେବାକୁ ପଡ଼ିବ ଆମର ପରମ୍ପରା ପ୍ରତି। ଅତୀତର ଅଭିଜ୍ଞତାରୁ ଆମକୁ ଶିକ୍ଷାଗ୍ରହଣ କରିବାକୁ ପଡ଼ିବ।

ସମାଜର ଗତିଧାରା ବିଷୟରେ ମୋଟାମୋଟି ଧାରଣା ଦେଲା ଭଳି କୌଣସି ବହି ଓଡ଼ିଆ ସାହିତ୍ୟର ଅଦ୍ୟାବଧି ପ୍ରକାଶ ପାଇନାହିଁ। ଏ ଅଭାବ ପୂରଣ ଦିଗରେ ଧାରାବାହିକ ଭାବେ କେତୋଟି ପ୍ରବନ୍ଧ ପୁସ୍ତିକା ପ୍ରକାଶ କରିବା ମୋର ଇଚ୍ଛା । ଏ ପୁସ୍ତିକା ତହିଁର ଆଦ୍ୟ ଅର୍ଘ୍ୟ।

ବହୁ ବନ୍ଧୁ ମୋର ଏ ଉଦ୍ୟମରେ ସହାନୁଭୂତି ପ୍ରକାଶ କରିଛନ୍ତି, ସାହାଯ୍ୟ ଦେଇଛନ୍ତି ମୁଁ ସେମାନଙ୍କ ନିକଟରେ ଋଣୀ।

ପାଠକମାନଙ୍କର ସମାଲୋଚନା ଦ୍ବାରା ଏ ଉଦ୍ୟମ ସେମାନଙ୍କର ଉପଯୋଗୀ ହେବା ଆଶା କରାଯାଏ। ସମାଲୋଚକମାନଙ୍କ ମତାମତ ମୋ ପକ୍ଷରେ ବିଶେଷ ସହାୟକ ହେବ। ସମସ୍ତଙ୍କର ସହଯୋଗ ପ୍ରାର୍ଥନା କରେ।

-ଲେଖକ-

### ପରିଚୟ

ଲୋକତନ୍ତ୍ର ଶାସନ ବ୍ୟବସ୍ଥାରେ ସର୍ବସାଧାରଣଙ୍କ ସକ୍ରିୟ ସାହାଯ୍ୟ ଓ ସହଯୋଗ ଉପରେ ଦେଶ ଓ ଜାତିର ସମସ୍ତ ରକମ ପ୍ରଗତି ନିର୍ଭର କରେ। ସେଥିପାଇଁ ଦେଶ, ସମାଜ ଓ ଲୋକଙ୍କ ଆଗରେ ପ୍ରତିଦିନ ଦେଖାଦେଉଥିବା ବିଭିନ୍ନ ଜଟିଳ ସମସ୍ୟା ସଂପର୍କରେ ଲୋକସାଧାରଣଙ୍କର ସଠିକ୍ ଧାରଣା ରହିବା ଦରକାର। ପ୍ରଚଳିତ ସମାଜ ବ୍ୟବସ୍ଥା ଓ ରାଜ୍ୟ ଶାସନରେ ଯେଉଁ ବିଭ୍ରାଟ ଘଟୁଛି ସେ ସଂପର୍କରେ ସଠିକ୍ ଆଲୋଚନା ଅଭାବରୁ ଆମ ଲୋକସାଧାରଣ ସେ ସବୁର ଖିଅ ଧରି ପାରୁନାହାନ୍ତି। ଦେଶର ସାହିତ୍ୟ ଏ ସବୁ ସାମାଜିକ ,ଅର୍ଥନୈତିକ ,ରାଜନୈତିକ ଓ ଅନ୍ୟାନ୍ୟ ଅବ୍ୟବସ୍ଥାର ଧାରାବାହିକ ବୈଜ୍ଞାନିକ ବିଶ୍ଳେଷଣ କରି ସାଧାରଣରେ ରଖିଲେ ଲୋକେ ସବୁ କଥା ଠିକ୍ ଠିକ୍ ଜାଣୁଥାନ୍ତେ। ଅନ୍ଧ

www.jataayu.org

# ସଭ୍ୟତାର ଆଗେ

କବି ରଘୁନାଥ ଦାସ

ଅନୁସରଣ ଲୋପ ପାଆନ୍ତା। ଲୋକଙ୍କର ଅଜ୍ଞତାର କେହି ସୁଯୋଗ ନେଇ ପାରନ୍ତେ ନାହିଁ। ଆମ ସାହିତ୍ୟ କିନ୍ତୁ ଏ ଦାୟିତ୍ୱ ଯଥାଯଥ ଭାବେ ତୁଲାଇ ପାରୁନାହିଁ। ପୂରାପୂରି ମନଗଢ଼ା ସାହିତ୍ୟରେ ବଜାର ଭରପୁର। ସେପରି ସାହିତ୍ୟର ସାମାଜିକ ମୂଲ୍ୟ ଯେ ନାହିଁ ତାହା କ୍ରମେ ଆମ ଲେଖକମାନେ ବୁଝିଲେଣି।

ସାହିତ୍ୟ ଜରିଆରେ ଦେଶ, ଜାତି ଓ ସମାଜର ବିଭିନ୍ନ ସମସ୍ୟାର ବୈଜ୍ଞାନିକ ଆଲୋଚନା ସମ୍ବଳିତ ଠିକ୍ ନକ୍ସା ଲୋକଙ୍କ ଆଗରେ ରଖାଯାଇ ପାରିଲେ ତାର ସମାଧାନର ବାଟ ଲୋକେ ଆପେ ଆପେ ଖୋଜି କାଢ଼ିବେ। 'ଗଣ ପ୍ରକାଶନୀ'ଏହି ଉଦ୍ଦେଶ୍ୟ ନେଇ କାର୍ଯ୍ୟ କରିବ। ଜନସାଧାରଣଙ୍କ ସହଯୋଗରେ ଆମେ ଏ କାମରେ ଆଗେଇ ପାରିବୁ ବୋଲି ଆଶା କରିଛୁଁ।

ଦେଶବାସୀଙ୍କ ହାତରେ ଆମର ପହିଲି ଅର୍ଘ୍ୟ 'ସଭ୍ୟତାର ଆଗେ'। ଆଦିମ ସମାଜରେ ସାଧାରଣରେ ଜୀବନର ବିଭିନ୍ନ ଦିଗର କ୍ରମବିକାଶ ସମ୍ପର୍କରେ ଆଲୋଚନା ଏଥିରେ ରହିଛି,ଲୋକେ ବୁଝିଲା ଭଳି ଭାଷାରେ। ଏହି ଆଲୋଚନା ଧାରାବାହିକ ଭାବେ ଚାଲିବ। ସାଧାରଣ ଲୋକେ ବହିଟି ପଢ଼ି ଆଦିମ ସମାଜ ସମ୍ପର୍କରେ ଏକ ମୋଟାମୋଟି ଧାରଣା ଏଥିରୁ କରିନେଇ ପାରିବେ। ବହିଟିର ଲେଖକ ରଘୁନାଥ ଦାସ ଓଡ଼ିଶାର ପାଠକ ପାଠିକାମାନଙ୍କ ନିକଟରେ ବହୁ ଆଗରୁ ପରିଚିତ,ତାଙ୍କର ନୂଆ ଧରଣର ଲେଖାଲେଖି ପାଇଁ। ଆମର ବିଶ୍ୱାସ ପୁସ୍ତିକାଟି ବିଶେଷ ଆଦରଲାଭ କରିବ। ସାଧାରଣ ପାଠକ-ପାଠିକାମାନଙ୍କ ମଧ୍ୟରେ ଏହାର ବିଶେଷ ଆଲୋଚନା ଆମକୁ ଉତ୍ସାହିତ କରିବ।

ପୋ.ଅ . ଚାନ୍ଦିନୀଚୌକ — ଚିନ୍ତାମଣି ପାଣିଗ୍ରାହୀ

କଟକ-୨ — ସମ୍ପାଦକ,ଗଣ ପ୍ରକାଶନୀ

## ସଭ୍ୟତାର ଆଗେ

ପୁରାଣ ଠାରୁ ଆହୁରି ପୁରୁଣା ସେ କାଳ।ସେବେ ଏ ଆକାଶ ଏହିପରି ଥିଲା, କିନ୍ତୁ ଉଡ଼ାଜାହାଜ ତ ଦୂରର କଥା ଗୁଡ଼ିଟାଏବି ଉଡୁନଥିଲା। ସମୁଦ୍ର ଥିଲା କିନ୍ତୁ କାହିଁ ହୁଲିଟାଏ ବି ନାହିଁ। ବିସ୍ତୃତ ସ୍ଥଳଭାଗ ପଡ଼ିଛି, କିନ୍ତୁ କେଉଁଠି ହେଲେ ପତର କୁଡ଼ିଆ ଖଣ୍ଡେ ଦେଖିବ ନାହିଁ। ଦେଶ ପରେ ଦେଶ ରହିଛି, ହେଲେ କୌଣସି ଦେଶର ନାଆଁ ନାହିଁ। ଯେଉଁଠି ଖରା ବର୍ଷା ବେଶୀ ସେ ଅଞ୍ଚଳକୁ ଜଙ୍ଗଲ ଛାଇ ଯାଇଛି। ଯେଉଁଠି କମ୍ ବର୍ଷା ସେଠି ଗୁଳ୍ମ ହୋଇଛି। ଆହୁରି କମ୍ ବର୍ଷା ଯେଉଁ ଅଞ୍ଚଳରେ ସେଠି ଖାଲି ଘାସ ହେଉଛି। ଯେଉଁଠି ବର୍ଷା ପ୍ରାୟ ନାହିଁ, ସେ ମରୁଭୂମି ହୋଇପଡ଼ିଛି। ଯେଉଁ ଅଞ୍ଚଳରେ ସୂର୍ଯ୍ୟ ତାପ ଟାଣ ନୁହେଁ, ସେଠି ଶୀତ ଜୋର, ବରଫ ପଡୁଛି। ପୃଥିବୀ ରହିଛି କିନ୍ତୁ ମଣିଷର ହାତ କୋଉଠି ବାଜି ନାହିଁ।

କେତେବର୍ଷ ତଳର କଥା କହି ହେବନାହିଁ;କେତେ ମନ୍ବନ୍ତର ଆଗେ; ହୁଏତ ଲକ୍ଷେ ବର୍ଷ ହେବ କିମ୍ବା ତହିଁରୁ ଅଧିକ। ସହର ନାହିଁ, ରାସ୍ତା ନାହିଁ, ଜଙ୍ଗଲ ଭିତରେ କେତେଗୁଡ଼ିଏ ପ୍ରାଣୀ ଭୂଇଁ ଉପରେ ଚଳପ୍ରଚଳ ହୋଇ ବୁଲୁଛନ୍ତି। ମାଙ୍କଡ଼ଙ୍କ ଭଳି ଫଳ ତୋଳି ଖାଉଛନ୍ତି। ସେମାନେ କଥାଭାଷା କରିପାରୁନାହାନ୍ତି। ବେଳେ ବେଳେ ପଶୁଭଳି ଚିତ୍କାର କରୁଛନ୍ତି ଯାହା। ଦିନରେ ଚଲାବୁଲା କରୁଛନ୍ତି, ରାତିକି ଗଛମୂଳେ, ପଥର

www.jatayu.org

Powered by Tekons

# ସଭ୍ୟତାର ଆଗେ

କବି ରଘୁନାଥ ଦାସ

କୋରଡ଼ରେ ଆଶ୍ରା ନେଇଛନ୍ତି। ଜାନୁଆର ଦେଖିଲେ ଲୁଚିଯାଉଛନ୍ତି,ପାରିଲେ ପଳାଉଛନ୍ତି।

ପଶୁଭଳି ଏମାନଙ୍କର ଆଚାର,ବ୍ୟବହାର ଓ ଜୀବନ; ହେଲେ ଏମାନେ ପଶୁ ନୁହନ୍ତି। ଏମାନେ ଅନ୍ୟ ପ୍ରାଣୀଙ୍କ ଅପେକ୍ଷା ଅଧିକ ବୁଦ୍ଧିମାନ୍ ବୋଧହୁଏ। ବଡ଼କଥା, ଅନ୍ୟ ପ୍ରାଣୀମାନେ ପ୍ରକୃତି ଯେଉଁ ପରିସ୍ଥିତି ଭିତରେ ତାଙ୍କୁ ପକେଇଛି, ତାକୁ ମାନି ନେଉଛନ୍ତି; ଏମାନେ କିନ୍ତୁ ପ୍ରାକୃତିକ ପରିସ୍ଥିତି ବିରୁଦ୍ଧରେ ଲଢୁଛନ୍ତି, ଅସୁବିଧାଜନକ ପରିସ୍ଥିତି ବିରୁଦ୍ଧରେ ସଂଗ୍ରାମ କରି ତାକୁ ନିଜର ଆୟତ୍ତକୁ ଆଣିବା ଲାଗି ଏମାନଙ୍କର ପ୍ରବୃତ୍ତି ପ୍ରବଳ। ଏମାନେ ଅନୁଭୂତିରୁ ଅଭିଜ୍ଞତା ହାସଲ କରୁଛନ୍ତି, ଅଭିଜ୍ଞତାରୁ ଶିକ୍ଷା ଗ୍ରହଣ କରୁଛନ୍ତି। ଶିକ୍ଷାକୁ ଜୀବନ ସଂଗ୍ରାମରେ କାମରେ ଲଗାଉଛନ୍ତି। ଏମାନେ ପଶୁଙ୍କ ଠାରୁ ନିଆରା ପ୍ରକାରର ପ୍ରାଣୀ,ଉନ୍ନତତର ଜୀବ। ଏମାନେ ମଣିଷ।

## ଆରଣ୍ୟକ ଯୁଗ

ପ୍ରାୟ  ଦୁଇ ଲକ୍ଷ ବର୍ଷ ତଳର କଥା। ଏମାନେ ଆଦିମ ମନୁଷ୍ୟ, ଆମର ପୂର୍ବ ପୁରୁଷ। କ୍ରମ ବିକାଶ ଫଳରେ ବାନର, ବଣ ମଣିଷ, ବାମନ ଓ ଶେଷରେ ମଣିଷ ରୂପରେ ଏମାନେ ପୃଥିବୀର ବିଭିନ୍ନ ଅଞ୍ଚଳରେ ଦେଖା ଦେଇଛନ୍ତି। ଏହି ଆଦିମ ଅବସ୍ଥାରେ ମନୁଷ୍ୟ ପଶୁଠାରୁ ସାମାନ୍ୟ ଉନ୍ନତ ହୋଇଛି ମାତ୍ର। ଖାଦ୍ୟ ନିଜେ ଉତ୍ପାଦନ କରି ଜାଣିନାହିଁ,ଘର ତୋଳିବା ଶିଖି ନାହିଁ, ପ୍ରକୃତି ଦତ୍ତ ପଦାର୍ଥଗୁଡ଼ିକ ଉପରେ ନିର୍ଭର କରୁଛି। ଏହି ଆରଣ୍ୟକ ଯୁଗ(Age of savagery) ।

ମଣିଷ ପ୍ରକୃତି ଉପରେ ଖାଦ୍ୟ ଲାଗି ନିର୍ଭର କରି ସବୁଦିନେ ଫଳମୂଳ ପାଇପାରେ ନାହିଁ। ଖାଦ୍ୟର ଏ ଅସୁବିଧା ଦୂର କରିବାକୁ ଯାଇ ମଣିଷ ସନ୍ଧାନ ପାଇଲା ଅନ୍ୟ ଏକ କିସମର ଖାଦ୍ୟର ...ବେଙ୍ଗ କଙ୍କଡ଼ା ମାଛ ଆଦି। ଏସବୁ ମାରିବାଲାଗି ମଣିଷ ପହିଲେ ଢେଲା ଓ ପରେ ପଥରର ଅନୁନ୍ନତ ଅସ୍ତ୍ରାଦିର ସାହାଯ୍ୟ ନେଲା। ମାଛ ଜାତୀୟ ଖାଦ୍ୟକୁ କଞ୍ଚା ଖାଇ ହେଲାନାହିଁ। ଏ ନୂଆ ପ୍ରକାର ଖାଦ୍ୟ ସାମଗ୍ରୀକୁ ଖାଇବା ଉପଯୋଗୀ କରିବାକୁ ଯାଇ ମଣିଷ ଶିଖିଲା ରନ୍ଧନ ପ୍ରକ୍ରିୟା, ଅଗ୍ନିର ବ୍ୟବହାର। ପ୍ରଥମ ଅବସ୍ଥାରୁ ମଣିଷ ଆଉ ପାହାଚେ ଆଗକୁ ମାଡ଼ିଲା। ଅଗ୍ନି ଜୀବନର ଏକ ଉପାଦେୟ ପଦାର୍ଥ ହେଲା।ଅଗ୍ନିର ବ୍ୟବହାର ଦ୍ବାରା ହିଂସ୍ର ଜନ୍ତୁଙ୍କ ଠାରୁ ନିଜକୁ ସହଜେ ରକ୍ଷା କରି ପାରିଲା। ଅଗ୍ନି ସାହାଯ୍ୟରେ ପ୍ରାଣୀମାନଙ୍କ ମଧ୍ୟରେ ସେ ସବୁଠୁ ବଳଶାଳୀ ହେଲା, ପଶୁ-ଜଗତକୁ ଜୟ କଲା। ନିଆଁ ହୁଲା କରି ସେ ଏବେ ଅନ୍ଧାର ଗୁମ୍ଫାରେ ପଶି ବରଫ ଓ ବର୍ଷାରୁ ରକ୍ଷା ପାଇଲା। ପରେ ଅଗ୍ନିର ବ୍ୟବହାର ଅଧିକ ଜାଣିବା ପରେ ଗୁମ୍ଫାଛାଡ଼ି ସେ ଖୋଲା ପଡ଼ିଆରେ କୁଡ଼ିଆ ତେରିଲା। ହିଂସ୍ରଜନ୍ତୁଙ୍କ ଦୌରାତ୍ମ୍ୟରୁ ଜନକ୍ଷୟ ବହୁ ପରିମାଣରେ କମିଗଲା। ଫଳରେ ଖାଦ୍ୟ ପଦାର୍ଥ ନିଅଣ୍ଟ ପଡ଼ିଲା। ଖାଦ୍ୟାଭାବ ଦୂର କରିବାକୁ ଯାଇ ମଣିଷ ସନ୍ଧାନ ନେଲା ନୂଆ ଖାଦ୍ୟ ସାମଗ୍ରୀର-ଜନ୍ତୁ ଶିକାର। ଜନ୍ତୁ ଶିକାର ଲାଗି ଲୋଡ଼ା ଅଧିକ ଉନ୍ନତ ଧରଣର ଅସ୍ତ୍ର। ଏ ସୋପାନରେ ମଣିଷ ପ୍ରଥମେ ପଥରର ଅଧିକ ମାର୍ଜିତ ଅସ୍ତ୍ର ବ୍ୟବହାର କଲା, ପରେ ଉଦ୍ଭାବନ କଲା ଧନୁ ଓ ତୀର , ତୀର ଆହୁରି ମୁନିଆଁ କରିବା ଲାଗି ତମ୍ବାର ବ୍ୟବହାର ଶିଖିଲା। ଏହି ଆରଣ୍ୟକ ଯୁଗର ଉତ୍ତମ ସୋପାନ। ଏ ଅବସ୍ଥାରେ ମନୁଷ୍ୟ ଛୋଟ ଛୋଟ ଗାଁରେ ରହିବାକୁ ଶିଖିଲାଣି, ଛାଲ ଓ ବକଳ ପିନ୍ଧୁଛି, ଟୋକେଇ ବୁଣୁଛି, କାଠର କୁଣ୍ଡି ଓ ବାସନ ବ୍ୟବହାର କରୁଛି। କାଠଗୁଣ୍ଡିକୁ ପୋଡ଼ି, ଧାରୁଆ ପଥରରେ ଖୋଳି ନଈ ନାଳରେ କାଠୁଆ କରି ବ୍ୟବହାର କରୁଛି।

www.jatayu.org

# ସଭ୍ୟତାର ଆଗେ

କବି ରଘୁନାଥ ଦାସ

## ବର୍ବର ଯୁଗ

ଜନ୍ତୁର ମାଂସକୁ ଖାଦ୍ୟ ରୂପେ ବ୍ୟବହାର କରିବା ପରଠାରୁ ଖାଦ୍ୟ ସଂଗ୍ରହରେ ମଣିଷ ଯେତେ ଶ୍ରମ ଓ ସମୟ ନିୟୋଗ କରୁଥିଲା, ତାହା ଅନେକ ପରିମାଣରେ କମିଗଲା। ଗୋଟିଏ ଗୋଟିଏ ଶିକାର ବହୁତ ଲୋକଙ୍କର ଅନେକ ଦିନର ଖାଦ୍ୟ ହୋଇପାରିଲା। ଏହି ବଳକା ଶ୍ରମ-ଶକ୍ତି ମଣିଷକୁ ଆଗେଇ ନେଲା ନୂଆ ଏକ ଯୁଗକୁ –ବର୍ବର ଯୁଗ।ନୂଆ ଯୁଗରେ ମଣିଷ ପ୍ରକୃତିର ଦାନ ଉପରେ ଖାଲି ନିର୍ଭର କରି ରହିଲାନାହିଁ। ନିଜର ଆବଶ୍ୟକୀୟ ପଦାର୍ଥମାନ ଉତ୍ପାଦନ କରିବାରେ ଲାଗିଲା, ନିଜର ଶ୍ରମ ଓ କୌଶଳ ପ୍ରୟୋଗ କରି ପ୍ରାକୃତିକ ବସ୍ତୁକୁ ନିଜର ସୁବିଧା ମୁତାବକ ରୂପ ଦେଲା ପ୍ରକୃତିକୁ ନିଜ ଆୟତ୍ତକୁ ଆଣିବାକୁ, ପାର୍ଥିବ ଜୀବନକୁ ଉପଭୋଗ କରିବାକୁ। ଏ ଯୁଗର ପ୍ରଥମ ସୋପାନରେ ମାଟି ପାତ୍ରର ପ୍ରଚଳନ ଦେଖାଯାଏ। ଲୁଗା ବୁଣି ଜାଣି ନଥିଲେ ବି ମଣିଷ ବାଉଁଶ, ବେତ ପ୍ରଭୃତି ବୁଣି ଶିଖିଲାଣି, କାଛ ଓ ପଥରରେ ଛବି ଆଙ୍କୁଛି, ମନକଥା ପ୍ରକାଶ କରିବା ଲାଗି ଠାର ଓ ସଂକେତାଦି ଛାଡି କଥିତ ଭାଷାର ବ୍ୟବହାର କଲାଣି। ଜନ୍ତୁ ଶିକାରଦ୍ବାରା ଖାଦ୍ୟ କଷ୍ଟ କେତେକ ପରିମାଣରେ ଲଘୁ ହୋଇଯାଇଥିଲା ସତ କିନ୍ତୁ ଖାଦ୍ୟର ଅନିଶ୍ଚିତା ତେବେ ବି ମଣିଷର ମୁଣ୍ଡ ଘାରୁଛି । ଏ ସମସ୍ୟାର ସମାଧାନ କରିବାକୁ ଯାଇ ମଣିଷ ମକା ଜାତୀୟ ଫସଲ ଓ ପନିପରିବାର ଚାଷ ଆରମ୍ଭ କଲା। ଗାଁକୁ ନିରାପଦ କରିବା ଲାଗି ଗାଁ ଚାରିକଡ଼େ ବାଉଁଶ ବା କାଠର ଘେର ବୁଲାଇଲା। ଏ ଯୁଗର ମାଧମ ସୋପାନରେ ଦେଖାଯାଏ ମଣିଷ ଚାଷ ପ୍ରତି ଅଧିକ ଧ୍ୟାନ ଦେଇଛି। ଫଳମୂଳ କେବଳ ସଂଗ୍ରହ ନ କରି , ଏବେ ସେ ନିଜେ ବୃକ୍ଷରୋପଣ କରୁଛି , ପାଣି ମଡ଼େଇ ରବି ଫସଲ ଉତ୍ପନ୍ନ କରୁଛି, ବଣ୍ୟ ଜନ୍ତୁଙ୍କୁ କେବଳ ଶିକାର ନ କରି କେତେକ ଜନ୍ତୁଙ୍କୁ ପୋଷା ମନେଇ ନିଜ ପାଖେ ନେଇ ରଖିଲାଣି। ସେମାନଙ୍କ ମାଂସ ଓ ଦୁଗ୍ଧ ଖାଦ୍ୟ ରୂପେ ବ୍ୟବହାର କରୁଛି । ଏ ସମୟରେ ସେ ତୁଳା ଉତ୍ପାଦନ କରିପାରିଲା, ଲୁଗା ବୁଣି ଶିଖିଲା, ବସ୍ତ୍ର ବ୍ୟବହାର କଲା। ଏବେ ସେ ନିଜର ବାସସ୍ଥଳୀକୁ ଅଧିକ ସୁଦୃଢ଼ କରିଛି, ଗୃହପାଳିତ ପଶୁଙ୍କୁ ନିରାପଦ ରଖିବ ବୋଲି ଗାଁ ଚାରିକଡ଼ରେ ବାଉଁଶ,କାଠ ବା ପଥର ପାଚିରୀ ଘେରାଇଛି।

ମଣିଷ ପଶୁ ପାଳନ ଆଉ କୃଷି ଶିଖିଲା ସତ। କିନ୍ତୁ ଶସ୍ୟ ଓ ପଶୁଙ୍କ ଲାଗି ଦାନା ଉତ୍ପାଦନ କରିବା ପାଇଁ ଚାଷ ଜମି କାହିଁ? ଚାରିଆଡ଼େ ତ ଜଙ୍ଗଲ। ଗଛ କାଟିବା ଲାଗି ଲୁହାର ଅସ୍ତ୍ର ଦରକାର।

ଲୁହା ତରଳେଇ କରିବାର ଉପାୟ ଉଦ୍ଭାବନ ଠାରୁ ମଣିଷ ଅଉ ଏକ ପାହାଚ ଆଗକୁ ମାଡ଼ିଲା। ସେଇଠୁ ଆରମ୍ଭ ଏ ଯୁଗର ଉତ୍ତମ ସୋପାନ। ପଥର ଓ ତମ୍ବା ଅସ୍ତ୍ର ବଦଳରେ ଲୁହାର ଅସ୍ତ୍ର ଓ ଉପକରଣ ଦେଖାଦେଲା। ଲୁହା କୁରାଢ଼ୀ ସାହାଯ୍ୟରେ ମନୁଷ୍ୟ ଜଙ୍ଗଲ ସଫା କଲା, ତାକୁ ଚାଷ ଜମିରେ ପରିଣତ କଲା,ଜମି ଚାଷ କରି ଖାଦ୍ୟଶସ୍ୟ ଓ ପଶୁଙ୍କ ଲାଗି ଦାନା ଉତ୍ପାଦନ କଲା। ଯେଉଁ ଜାତିମାନେ ଲୁହାର ବ୍ୟବହାର ଜାଣିପାରିଲେ ନାହିଁ ସେମାନେ ବର୍ବର ଯୁଗର ମାଧମ ସୋପାନ ଟପି ପାରିଲେ ନାହିଁ। ଆମେରିକାର ଆଦିମ ଅଧିବାସୀମାନେ ଲୁହାର ବ୍ୟବହାର ଜାଣିନଥିବାରୁ ଅନୁନ୍ନତ ଅବସ୍ଥାରେ ପଡ଼ି ରହିଥିଲେ ସଭ୍ୟଜାତିମାନେ ସେ ଦେଶ ଆବିଷ୍କାର କଲା ପର୍ଯ୍ୟନ୍ତ। ଲୌହର ପ୍ରଚଳନ ଓ ଖାଦ୍ୟଶସ୍ୟର ଉତ୍ପାଦନ ମନୁଷ୍ୟ ସମାଜରେ ଏକ ଯୁଗାନ୍ତକାରୀ ବିପ୍ଳବ ଆଣିଦେଲା। ଖାଦ୍ୟ ଓ ବାସର ସଂସ୍ଥା ଦିଗରୁ ମନୁଷ୍ୟ ନିଶ୍ଚିତ ହେଲା, ଗୋଚାରଣ ଭୂମି ବା ଚାଷ ଜମି ଲାଗି ମଣିଷକୁ ଆଗେ ଯେଭଳି ଠାଆକୁ ଠାଆ ଖୋଜିବାକୁ ପଡୁଥିଲା, ଏବେ ତା ଆଉ ଦରକାର ନାହିଁ। ତାର ଯାଯାବର ଜୀବନ ଏଇଠୁ ଶେଷ। ଯେଉଁ ଅଞ୍ଚଳରୁ ସେ ତାର ଗ୍ରାସାଚ୍ଛାଦନ ବ୍ୟବସ୍ଥା କରି ପାରିଲା, ସେଠି ସେ ତାର ଡେରା ବାନ୍ଧିଲା, ସେ ସ୍ଥାନର ସେ ସ୍ଥାୟୀ ବାସିନ୍ଦା ହେଲା।

ଏ ଆଦିମ ଅବସ୍ଥାରେ ଚାଷ ବା ପଶୁପାଳନ ଏକା ଏକା କରିବା ସମ୍ଭବ ନ ଥିଲା। ନଈ ବନ୍ଧେଇବା, ନାଳ କାଟିବା, ଜଙ୍ଗଲ ସଫା କରିବା,

www.jatayu.org

# ସଭ୍ୟତାର ଆଗେ

କବି ରଘୁନାଥ ଦାସ

ଖୁଆଡ଼ କରିବା ପ୍ରଭୃତି କାର୍ଯ୍ୟ ଏକା ଏକା କରି ହୁଏ ନାହିଁ। ଫଳରେ ଜାତି ବା ଗଣର ସମସ୍ତେ ମିଳି କୋଠ ଚାଷ କରନ୍ତି ବା କୋଠରେ ପଶୁପାଳନ କରନ୍ତି। ଜମି ବା ଗୋଠ ଉପରେ ଅଧିକାର ସମୁଦାୟ ଜାତି ବା ଗଣର। କ୍ରମଶଃ ଉତ୍ପାଦନ ପ୍ରଣାଳୀରେ ଉନ୍ନତ ହେବା ସହ ଅଳ୍ପ କେତେକ ଲୋକଙ୍କୁ ନେଇ ଉତ୍ପାଦନ ସମ୍ଭବ ହୋଇପାରିଲା। ଏହା ସହିତ ଜମି ବା ଗୋଠ କ୍ରମଶଃ ଜାତି ବା ଗଣର ଅଧିକାର ଲୋପ ପାଇ କେତେକ ପରିବାର ମଧ୍ୟରେ ଓ ଶେଷରେ ବ୍ୟକ୍ତିରେ ତାହା ସୀମାବଦ୍ଧ ହେଲା।

ଚାଷ ଓ ଗୋଚାରଣ ଦ୍ବାରା ମଣିଷ ତାର ଆବଶ୍ୟକଠାରୁ ଅଧିକ ଉତ୍ପାଦନ କରି ପାରିଲା। ନିଜର ଅଭାବ ମେଣ୍ଟାଇବା ପରେ ତା ହାତରେ ଆଉ ବି କିଛି ବଳକା ରହିଲା ଆଗେ ଶତ୍ରୁପକ୍ଷର ବନ୍ଦୀମାନଙ୍କୁ ଖାଦ୍ୟ ଯୋଗାଇବା ଲାଗି ମଣିଷ ପାଖରେ ବଳକା ଖାଦ୍ୟଦ୍ରବ୍ୟ ହେଉନଥିଲା। ସେମାନଙ୍କୁ  ହତ୍ୟା କରିବାହିଁ ଥିଲା ଏକ ମାତ୍ର ପନ୍ଥା। ଏବେ ବଳକା ଖାଦ୍ୟଦ୍ରବ୍ୟ ସାହାଯ୍ୟରେ ସେମାନଙ୍କୁ ବଞ୍ଚାଇ ରଖିବା ସମ୍ଭବ ହେଲା।। ମଣିଷ ଦେଖିଲା ବନ୍ଦୀମାନଙ୍କୁ ହତ୍ୟାନକରି ଏମାନଙ୍କୁ ଖାଲି ବଞ୍ଚି ରହିଲା ଭଳି ଗଣ୍ଡାଏ ଖାଇବାକୁ ଓ ଖଣ୍ଡେ ପିନ୍ଧିବାକୁ ଦେଇ ତାଙ୍କ ଜରିଆରେ କଠିନ ପରିଶ୍ରମଗୁଡ଼ିକ କରାଇ ନେବା ସୁବିଧାଜନକ ହେବ, ଉତ୍ପାଦନ ଅଧିକ ହେବା ମଣିଷକୁ ଟିକିଏ ଆରାମ ମିଳିବ।

ତାହାହିଁ ହେଲା। ଏହି ବନ୍ଦିମାନେ ହେଲେ ଦାସ। ରୋଟା ମୋଟା ଗଣ୍ଡାଏ ଖାଇବାକୁ ଦେଇ ସେମାନଙ୍କୁ ପଶୁଭଳି ଖଟାଗଲା। ସବୁଠୁଁ କଠିନ ଶାରୀରିକ ପରିଶ୍ରମ ଓ ସମାଜର ନିକୃଷ୍ଟ କାର୍ଯ୍ୟଗୁଡ଼ିକ ଏମାନଙ୍କ ଜରିଆରେ କରାଇ ନିଆହୁଏ। ଅବାଧ ହେଲେ ସେମାନଙ୍କୁ ହତ୍ୟା କରାଯାଏ। ଦାସମାନେ ଉତ୍ପାଦନର ଏକ ପ୍ରଧାନ ଅଙ୍ଗ ରୂପେ କାର୍ଯ୍ୟ କରୁଥିଲେ ହେଁ ଉତ୍ପାଦନ ଉପରେ ସେମାନଙ୍କର କୌଣସି ଅଧିକାର ନଥିଲା। ଉତ୍ପାଦନର ଉପକରଣ ଓ ଉତ୍ପନ୍ନ ସବୁ ପ୍ରଭୁମାନଙ୍କର। ଏ ବ୍ୟବସ୍ଥା ଫଳରେ ସମାଜର ଅର୍ଥନୀତିରେ ଦେଖାଦେଲା ନୂଆ ଏକ ଧରଣ। ଆଗେ ଯେଉଁମାନେ ଉତ୍ପାଦନ କରୁଥିଲେ ଉତ୍ପନ୍ନରେ ସେମାନଙ୍କର ସମାନ ଅଧିକାର ଥିଲା। ଏବଠୁଁ ସମାଜରେ ଦୁଇ ଶ୍ରେଣୀର ଲୋକେ ଦେଖାଦେଲେ। ଦଳେ ପରିଶ୍ରମ କରି ଉତ୍ପାଦନ କରନ୍ତି ଅଥଚ ପରିଶ୍ରମର ଫଳଭୋଗୀ ନୁହଁନ୍ତି। ଅନ୍ୟ ଦଳେ ଅପରର ପରିଶ୍ରମ ପରେ ନିର୍ଭର କରି ଚଳନ୍ତି। ଉତ୍ପାଦନକାରୀ ଦାସମାନଙ୍କୁ ଉତ୍ପନ୍ନ ଓ ଉତ୍ପାଦନର ଅବଲମ୍ବନ ଉପରେ ସମସ୍ତ ଅଧିକାରରୁ ବଞ୍ଚିତ କରି ରଖାଯାଇଥାଏ। ଉତ୍ପାଦନର ଅବଲମ୍ବନଗୁଡ଼ିକ ହେଲା ପ୍ରଭୁ ଶ୍ରେଣୀର ବ୍ୟକ୍ତିଗତ ସଂପତ୍ତି(Private)ଉତ୍ପନ୍ନରେ ସେମାନେ ହେଲେ ହକ୍‌ଦାର। ଉତ୍ପାଦନ ପ୍ରଣାଳୀ ପ୍ରଭୁ ଓ ଦାସ ଏହି ଦୁଇ ପରସ୍ପର ସ୍ବାର୍ଥବିରୋଧୀ ଦୁଇ କିସମର ଲୋକଙ୍କୁ ନେଇ ଗଢ଼ା ହେଲା।

ଚାଷ ପ୍ରଣାଳୀରେ ଉନ୍ନତି ହେତୁ ମଣିଷ ଏବେ ଏକ ସ୍ଥାନରେ ସ୍ଥାୟୀ ବାସିନ୍ଦା ହୋଇଛି। ଫଳରେ ଗୃହ ନିର୍ମାଣ ପ୍ରତି ସେ ଅଧିକ ଯତ୍ନବାନ ହେଲା। ବାସସ୍ଥଳୀରୁ ଅଧିକ ସୁଦୃଢ଼ କରିବା ସଂଗେ ସଂଗେ ସୁନ୍ଦର ଓ ସୁରୁଚି ସମ୍ପନ୍ନ କରିବାକୁ ଚେଷ୍ଟା କଲା। ସ୍ଥିର ଜୀବନ ଓ ଦାସମାନଙ୍କର ମୋଫତ୍ ପରିଶ୍ରମ ହେତୁ ନୂଆ ନୂଆ ଓ ଅଧିକରୁ ଅଧିକ ପଦାର୍ଥ ଉତ୍ପାଦନ କରିବା ମଣିଷ ପକ୍ଷରେ ସମ୍ଭବପର ହେଲା। ମଣିଷ ହାତ ଦେଲାଶିଳ୍ପରେ । ଏଥି ପୂର୍ବରୁ ବସ୍ତ୍ରଶିଳ୍ପ,ଲୌହ ଶିଳ୍ପ ପ୍ରଭୃତି ସାମାନ୍ୟ କେତୋଟି ଶିଳ୍ପ ପ୍ରତିଷ୍ଠା ଲାଭ କରିଥିଲେ ହେଁ ସମାଜରେ ସେଗୁଡ଼ିକର ସ୍ଥାନ ଥିଲା ନଗଣ୍ୟ। ଏବଠୁଁ ନାନା ବିଭାଗରେ ଶିଳ୍ପ ପ୍ରତିଷ୍ଠା ଲାଭ କଲା। କାରିଗରୀ କୃଷି ଭଳି ଜୀବନ ଧାରଣର ଏକପନ୍ଥା ବା ବୃତ୍ତିହେଲା। ବିଭିନ୍ନ ଶିଳ୍ପର ପ୍ରତିଷ୍ଠା ଫଳରେ ସମାଜରେ ଶ୍ରମ ବିଭାଗ ଅଧିକ ସ୍ପଷ୍ଟ ହୋଇଗଲା। କୃଷକମାନେ ଗ୍ରାମାଞ୍ଚଳରେ ଓ କାରିଗରମାନେ ନଗରରେ ବାସ କରିବାକୁ ଲଗିଲେ। ଆର୍ଯ୍ୟ ସମାଜରେ ବଂଶାନୁକ୍ରମେ କୌଣସି ବୃତ୍ତି ଅବଲମ୍ବନ ଫଳରେ ପ୍ରଥମେ ବର୍ଣ୍ଣ ବିଭାଗ ଓ ପରେ ବିଭିନ୍ନ ଜାତି ବିଭାଗ ଦେଖାଦେଲା।

ବର୍ବର ଯୁଗର ପ୍ରଥମ ଓ ମଧ୍ୟ ସୋପାନରେ ଦ୍ରବ୍ୟ ବିନିମୟ ସୂତ୍ରରେ ବାଣିଜ୍ୟ ବ୍ୟବସାୟ ହେଉଥିଲା। କିଛିକାଳ ପରେ ଯେତେବେଳେ ଗୃହପାଳିତ ପଶୁ ବ୍ୟକ୍ତିଗତ ସଂପତ୍ତିରେ ପରିଣତ ହେଲା, ଗୋରୁ ଛେଳି ବା ମେଣ୍ଢା ବିନିମୟରେ ଖରିଦ ବିକ୍ରି ଚାଲିଲା। ଆଗେ କେବଳ ଗୋଷ୍ଠୀ

Powered by Tekons

# ସଭ୍ୟତାର ଆଗେ

କବି ରଘୁନାଥ ଦାସ

ବା ଜାତିର ଚାହିଦା ମୁତାବକ ଶିଳ୍ପଦ୍ରବ୍ୟ ଉତ୍ପନ୍ନ ହେଉଥିଲା। ଏବେ ଶିଳ୍ପ ଦ୍ରବ୍ୟ ବ୍ୟବସାୟ ଓ ବାଣିଜ୍ୟ ସୂତ୍ରରେ ଗୋଷ୍ଠୀ ଓ ଜାତି ବାହାରେ ଖରିଦ ବିକ୍ରିଲାଗି ଉତ୍ପନ୍ନ ହେଲା। ସମାଜର ଅର୍ଥନୀତିରେ ଏହା ଏକ ନୂଆ କଥା-ପଣ୍ୟ। ଜାତି ବା ଗୋଷ୍ଠୀର ଚାହିଦା ନୁହେଁ, ବ୍ୟକ୍ତିଗତ ଲାଭ ପାଇଁ ଏହା ଉତ୍ପନ୍ନ ହେଲା। ଏ ନୂତନ ରୀତି କୃଷି ଉପରେ ମଧ ତା'ର ପ୍ରଭାବ ପକାଇଲା। ଗୋଷ୍ଠୀ, ଜାତି ବା ଗଣର ଉପଭୋଗ ଲାଗି ହୋଇଆସୁଥିବା କୃଷି ଉତ୍ପାଦନ ଏବେ ହେଲା ବ୍ୟକ୍ତିଗତ ମୁନାଫା ପାଇଁ। ଫଳରେ ଯେଉଁ ଚାଷ ଜମିରେ ଯିଏ ମାଲିକ ହେଲା। ଜମି ଆଉ ଜାତୀୟ ସଂପତ୍ତି ହୋଇ ରହିପାରିଲା ନାହିଁ।

ପଣ୍ୟ ସମାଜର ଅର୍ଥନୀତିରେ ଦେଖାଦେବା ପରଠାରୁ ବାଣିଜ୍ୟ ବୃଦ୍ଧି ଲାଭ କଲା। ବାଣିଜ୍ୟାଦି ଲାଗି ଦୂରକୁ ବାର୍ତ୍ତା ପଠାଇବା ପାଇଁ ଲିଖିତ ଲିପି ଲୋଡ଼ାପଡ଼ିଲା । ଶିଳ୍ପର ପ୍ରତିଷ୍ଠା ଓ ଲିଖିତ ଲିପିର ପ୍ରଚଳନ ସମାଜରେ ଏକ ବୈପ୍ଳବିକ ପରିବର୍ତ୍ତନ ଆଣିଦେଲା। ପଶୁଭଳି ଗ୍ରାସାଚ୍ଛାଦନରେ ମଣିଷର ଚିନ୍ତା ଏବେ ସୀମାବଦ୍ଧ ନୁହେଁ। ଜୀବନକୁ ବିକଶିତ କରିବା ଲାଗି ହେଲା ତାର ଚେଷ୍ଟା। ଦାସପ୍ରଥାର ପ୍ରଚଳନ ଫଳରେ ସମାଜର ପ୍ରଭୁଶ୍ରେଣୀ କଠିନ ଶାରୀରିକ ପରିଶ୍ରମରୁ ଅବ୍ୟାହତି ପାଇ ମାନସିକ ବିକାଶ ଲାଗି ସୁବିଧା ପାଇଲେ। ମଣିଷ ନିଜର ଅନୁଭୂତି ଓ ମନକଥାକୁ ଲିପବଦ୍ଧ କରି ଶିଖିଚି। ଏହିଠାରୁ ବର୍ବର ଯୁଗ ଶେଷ। ଶିଳ୍ପ ଓ ଲିପି, ସଭ୍ୟତାର ପ୍ରଥମ ସୂଚନା। ଏହାପରେ ମଣିଷ ଜୀବନକୁ ସୁନ୍ଦର କରିବାକୁ ଲାଗିଲା, କାବ୍ୟ ଓ କଳାର ସୌଧ ତୋଳିଲା।

ପୃଥିବୀରେ ବିଭନ୍ନାଞ୍ଚଳରେ ସଭ୍ୟସମାଜର ପ୍ରତିଷ୍ଠା ହୋଇଥଲା- ସିନ୍ଧୁ ଉପତ୍ୟକାରେ ମହେଞ୍ଜଦାରୋ ମେସୋପଟାମିଆର ବେବିଲୋନ୍ ସଭ୍ୟତା, ପ୍ରାଚୀନ ଭାରତରେ ଆର୍ଯ୍ୟ ସଭ୍ୟତା, ମିଶରର ପ୍ରାଚୀନ ସଭ୍ୟତା , ଗ୍ରୀସ୍ ଦେଶରେ ହେଲେନିକ୍ ସଭ୍ୟତା, ଇଟାଲିରେ ରୋମୀୟ ସଭ୍ୟତା ଇତ୍ୟାଦି। ଏ ସଭ୍ୟତା ଗୁଡ଼ିକ ହଜାର ହଜାର ବର୍ଷ ତଳର। ସେତେବେଳକୁ ଆଜିକାଲି ଭଳି ଛାପାକଳ ନଥିଲା, ଖବରକାଗଜ ନଥିଲା, ଇତିହାସ ଲେଖା ନଥିଲା। ଏତେକାଳ ପରେ ସେ ସବୁ ଜାତି ଉପରେ ଯେଉଁ ସାମାନ୍ୟ ତଥ୍ୟ ମିଳେ ତନ୍ମଧ୍ୟରୁ ଅଧିକାଂଶ ଲିପିର ପ୍ରଚଳନ ହେବା ପରେ ଅର୍ଥାତ୍ ସଭ୍ୟ ଯୁଗରେ। ଫଳରେ ଅନେକଙ୍କର ଏ ପ୍ରକାର ଧାରଣା ହୋଇଥାଏ  ଯେ ସେ ସବୁ ଜାତି ପ୍ରାଚୀନତମ ଅବସ୍ଥାରୁ ହିଁ ସଭ୍ୟ ଥିଲେ। ପ୍ରାଚୀନ ସଭ୍ୟତା ଯେତେ ଉନ୍ନତ ହୋଇଥାଉନା କାହିଁକି, ପୃଥିବୀରେ ଏଭଳି କୌଣସି ଜାତି ନଥିଲେ ଯେଉଁମାନେ ପ୍ରଥମରୁ ହିଁ ସଭ୍ୟ।

## ସମାଜ ସଂଗଠନ

ଲଢ଼େଇ ଲାଗି ଲୋଡ଼ା, ହାତ ଅଉ ହତିଆର ଉଭୟ। ଲଢ଼ିବା ଲୋକଙ୍କୁ ଠିକ୍ ମନେ ପକାଇବା ଯୁଦ୍ଧ-କୌଶଳର ଏକ ପ୍ରଧାନ ଅଙ୍ଗ। ପ୍ରକୃତି ଓ ଜନ୍ତୁ ଜଗତ ବିରୁଦ୍ଧରେ ମଣିଷ ଯେଉଁ ଅବିରାମ ସଂଗ୍ରାମ ଚଳାଇ ଆସିଲା, ଅବସ୍ଥାକୁ ଚାହିଁ ନିଜ ସମାଜକୁ ସଜାଉନଥିଲେ  କେତେକାଳୁଁ ସେ ଲୋପ ପାଇ ଯାଆନ୍ତାଣି। କିଏ ଜାଣେ ହୁଏତ କାହିଁ କେତେ ଜାତି ଏ ସୈନ୍ୟସଜ୍ଜା କରି ନଜାଣି ବା ତହିଁରେ ଭୁଲ ଭଟକା କରି ସଂଗ୍ରାମରେ ପରାଭବ ଲଭିଥିବେ, କିଏ ବା ଆଗେଇ ପାରିନଥିବ,କିଏ ପଛେଇ ହାରି ଆସିଥିବ, କିଏ ବା ବିଲକୁଲ୍, ମୂଳପୋଛ ହୋଇ ଯାଇଥିବ। ଯେଉଁ ଜାତିମାନେ ଅବସ୍ଥାକୁ ଚାହିଁ ବ୍ୟବସ୍ଥା କରି ପାରିଲେ ସେମାନେ ହିଁ ଏ ସଂଗ୍ରାମରେ ଆଗକୁ ମାଡ଼ି ଚାଲିଲେ ଜୟଯୁକ୍ତ ହେଲେ।

ଆରଣ୍ୟକ ଯୁଗରେ-

ଆରଣ୍ୟକ ଯୁଗର ପ୍ରଥମ ସୋପାନରେ ନିଜର ଜୀବନ ଧାରଣ କରି ମନୁଷ୍ୟକୁ ହିଂସ୍ରଜନ୍ତୁଙ୍କ  ସହିତ ଲଢ଼ିବାକୁ ପଡ଼ିଥିଲା। ସେମାନଙ୍କ ଆକ୍ରମଣରୁ ରକ୍ଷା ପାଇବା ଲାଗି ମଣିଷ ହାତରେ ହତିଆର ନଥିଲା। ସତର୍କତାହିଁ ଥିଲା ପ୍ରଧାନ ଅବଲମ୍ବନ। ତେଣୁ ସେ କାଳରେ ମଣିଷ ପଶୁ

www.jatayu.org

# ସଭ୍ୟତାର ଆଗେ

କବି ରଘୁନାଥ ଦାସ

ଭଳି ପଲରେ ରହୁଥିଲା। ଖାଦ୍ୟ ସଂଗ୍ରହ ପାଇଁ ବା ଅନୁନ୍ନତ ଅବସ୍ଥାରେ ଉତ୍ପାଦନ ଲାଗି ଉପକରଣ ଗୁଡ଼ିକର ଯେତିକି ଆବଶ୍ୟକ ଥିଲା, ଶ୍ରମଶକ୍ତିର ଲୋଡ଼ା ଥିଲା ତହିଁରୁ ଅଧିକ। କେବଳ ପୁରୁଷ ବ କେବଳ ନାରୀକୁ ନେଇ ଏ ପଲ ଗଢ଼ାଗଲେ ଅଳ୍ପଦିନେ ପଲଟି ଲୋପ ପାଇଯିବ। ନାରୀ ଶ୍ରମ-ଶକ୍ତିର ଜନନୀ। ତେଣୁ କେତେଗୁଡ଼ିଏ ନାରୀ ଓ ପୁରୁଷଙ୍କୁ  ନେଇ ଏହି ପଲ ଗଢ଼ି ଉଠିଥିଲା। ପଲର ପ୍ରତ୍ୟେକ ନାରୀ ପ୍ରତ୍ୟେକ ପୁରୁଷର ପ୍ରତ୍ୟେକ ନାରୀର ସ୍ବାମୀ ଥିଲା- ଅନେକଟା ପଶୁପଲର ବ୍ୟବସ୍ଥା । ଏ ପ୍ରକାରର ଗୋଷ୍ଠୀହିଁ ହେଲା ମାନବ ସମାଜର ଆଦିମ ସଙ୍ଗଠନ।

ଏହି ଗୋଷ୍ଠୀ ଏକାଠି ରହୁଥିଲେ, ଗୋଟିଏ ପରିବାର ଭଳି । ଖାଦ୍ୟ ସଂଗ୍ରହ ଓ ବାସ-ସଂସ୍ଥାନର ଅସୁବିଧା ହେତୁ ଗୋଟିଏ ଗୋଷ୍ଠୀରେ ବେଶି ସଂଖ୍ୟକ ଲୋକ ରହିବା ସମ୍ଭବପର ନଥିଲା। ଯାହା ଫଳମୂଳ ସଂଗ୍ରହ ହୁଏ, ତାହା ଗୋଷ୍ଠୀର ସମ୍ପତ୍ତି, ସମସ୍ତଙ୍କର ସେଥିରେ ସମାନ ଅଧିକାର । ଯାହାର ଯେତେ ଦରକାର ସେ ସେତେ ପାଏ। ପିଲା ଆଉ ବୁଢ଼ା ବୁଢ଼ୀଙ୍କର ତତ୍ତ୍ବ ନେବା ଗୋଷ୍ଠୀର କର୍ତ୍ତବ୍ୟ, ଗୋଷ୍ଠୀର ପରସ୍ପର ପରସ୍ପରକୁ ସାହାଯ୍ୟ କରନ୍ତି, ବିପଦରୁ ରକ୍ଷା କରନ୍ତି ଓ କାହାରିକୁ ଆଘାତ ହେଲେ, ଅନ୍ୟମାନେ ଅଣ୍ଟା ଭିଡ଼ି ବାହାରନ୍ତି, ତାର ପ୍ରତିଶୋଧ ନିଅନ୍ତି। ଗୋଷ୍ଠୀରେ ପ୍ରତ୍ୟେକ ବୟସ୍କ ଲୋକର କର୍ତ୍ତବ୍ୟ ଓ ଅଧିକାର, ଆସନ ଓ ସମ୍ମାନ ସମାନ ଥିଲା। ଉତ୍ପାଦନ ପ୍ରଣାଳୀର ଏହି ଆଦିମ ଅବସ୍ଥାରେ ସମାଜରେ କୌଣସି ପ୍ରକାର ଶ୍ରମ ବିଭାଗ ଦେଖାଦେଇନଥିଲା। ନାରୀକୁ ପୁରୁଷ ସହିତ ସହଯୋଗ କରି ପ୍ରାୟ ସମାନ କାମ କରିବାକୁ ପଡ଼େ, ଭଲ ମନ୍ଦରେ ପରାମର୍ଶ ଲୋଡ଼ା ପଡୁଥିଲା ଉଭୟଙ୍କର। ପୁରୁଷ ଓ ନାରୀ ଉଭୟଙ୍କର କର୍ତ୍ତବ୍ୟ ଯେପରି ସମାନ ଥିଲା। ଅଧିକାର ମଧ୍ୟ ସେହିପରି ସମାନ। ସମାଜରେ ଏହି ପ୍ରାଥମିକ ସଂଗଠନକୁ ପାଶ୍ଚାତ୍ୟ ପଣ୍ଡିତମାନେ ଆଦିମ ଗୋଷ୍ଠୀଗତ ଜୀବନ (Primitive Communism) କହିଥାନ୍ତି। ଏ ବ୍ୟବସ୍ଥାରେ ମଣିଷ ଯେ କେତେକାଳ କଟାଇଛି,ତାହାର କିଛି ହିସାବ ନାହିଁ। କିନ୍ତୁ ତାକୁ ଏହିଭଳି କେତେ ପୁରୁଷ ରହିବାକୁ ପଡ଼ିଥିଲା ନିଶ୍ଚୟ।

ଆଦିମ କାଳରେ ପ୍ରାକୃତିକ ଶକ୍ତି ଆଗରେ ମଣିଷ ନିଜକୁ ଅତି ଦୁର୍ବଳ ଓ ଅସହାୟ ମନେ କରୁଥିଲା। କାହିଁକି ଯେ ବର୍ଷା ହେଉଛି, ବଜ୍ର ପଡୁଛି; ବନ୍ୟା ପ୍ଲାବନ ଘଟୁଛି, ତାର କାରଣ ସେ କିଛି ବୁଝି ପାରୁନଥିଲା, ଭାବୁଥିଲା କେହି ଏଗୁଡ଼ିକ କରାଉଛି। ତେଣୁ ନଦୀ,ବଣ, ମେଘ ସବୁକୁ ଗୋଟିଏ ଗୋଟିଏ ଦେବ ଦେବୀ ମନେ କରି ସେମାନଙ୍କୁ ସନ୍ତୁଷ୍ଟ କରିବାକୁ ପୂଜାର୍ଚ୍ଚନା କରୁଥିଲା। କାଳକ୍ରମେ ପ୍ରତ୍ୟେକ  ଗୋଷ୍ଠୀ ମଧ୍ୟରେ ଏହିପରି କେତେଗୁଡ଼ିଏ ପୂଜା ପଦ୍ଧତି ଗଢ଼ି ଉଠିଲା।

ଜୀବନ ସଂଗ୍ରାମ ଲାଗି ଅତୀତରେ ଅନୁଭୂତି ଗୁଡ଼ିକ ଥିଲା ଅମୂଲ୍ୟ ସଂପଦ। କୌଣସି ଏକ ପରିସ୍ଥିତିରେ ଗୋଷ୍ଠୀ କି ନିଷ୍ପତ୍ତି ନେଇଥିଲା, କିଭଳି କାର୍ଯ୍ୟ କରିଥିଲା,ମଣିଷ ସେଥିରୁ ଶିକ୍ଷା ଗ୍ରହଣ କରିବାକୁ ଚାହେଁ। ଜୀବନ ଯାତ୍ରାର ଅଚିହ୍ନା ପଥରେ ପୂର୍ବ ପୁରୁଷଙ୍କ ଚଳନୀ ତା ଲାଗି ବାଟ ଅବାଟର ପ୍ରଧାନ ଶତ୍ରୁ ହେଲା। ପୂର୍ବ ଚଳନୀକୁ ମାନି ସେ ବାଟ ଚାଲେ। ଲିପିର ଉଦ୍ଭାବନ ଏବେ ବି ହୋଇନାହିଁ। ସ୍ମରଣ ରଖିବା ଛଡ଼ା ଅନ୍ୟ ଉପାୟ ନଥିଲା, କିଛିକାଳ ପରେ ଏହି ଚଳନୀଗୁଡ଼ିକର ଉତ୍ପତ୍ତି କିଭଳି ଓ କାହିଁକି ହୋଇଥିଲା ସେ ଭୁଲିଗଲା; ସେ ସବୁକୁ ମାନି ଚଳିବାର ଅନ୍ଧ ବିଶ୍ବାସ ତା ଭିତରେ ରହିଲା ମାତ୍ର । ପୁରୁଣା ଚଳନୀ ଅନୁସାରେ ତାର ଜୀବନ ଧାରାକୁ ନିୟନ୍ତ୍ରିତ କରିବା ତା ନିକଟରେ ଏକ ପବିତ୍ର କର୍ତ୍ତବ୍ୟ ହୋଇ ଛିଡ଼ାହେଲା। ଏହିପରି ପ୍ରତ୍ୟେକ ଗୋଷ୍ଠୀରେ ଉଦ୍‌ଭବ ହେଲା କେତେ ଗୁଡ଼ିଏ ପ୍ରଥା।

ସେହିପରି ଉତ୍ପାଦନ ପ୍ରକ୍ରିୟାର ସୃତିକୁ ଜାଗରୁକ ରଖିବା ଲାଗି ସେଗୁଡ଼ିକର ପୁନରାବୃତ୍ତି ପାଇଁ ଗୋଷ୍ଠୀରେ ଯଜ୍ଞାଦିର ଅନୁଷ୍ଠାନ କରାଯାଉଥିଲା। ଏ ପ୍ରକାର ପୂଜା ପଦ୍ଧତି, ଯଜ୍ଞ ଓ ପ୍ରଥା ଗୋଷ୍ଠୀ ଜୀବନର ଅନୁସଙ୍ଗ ହେଲା। ଏହା ଗୋଷ୍ଠୀକୁ 'ଧାରଣ କରୁଥିଲା' ଅର୍ଥାତ୍ ଏକତା ରକ୍ଷା କରୁଥିଲା, ତେଣୁ ଏହାହିଁ ହେଲା ଗୋଷ୍ଠୀର ଧର୍ମ।

# ସଭ୍ୟତାର ଆଗେ

କବି ରଘୁନାଥ ଦାସ

ଗୋଷ୍ଠୀରେ ଲୋକସଂଖ୍ୟା ବୃଦ୍ଧି ପାଇବା ସହିତ ସମସ୍ତ ଗୋଷ୍ଠୀ ଏକତ୍ର ବାସ କରିବା ସୁବିଧାଜନକ ହେଲାନାହିଁ। ଗୋଷ୍ଠୀର ଏକତା ରକ୍ଷା କରି ଗୋଷ୍ଠୀକୁ ବିଭିନ୍ନ ପରିବାରରେ ବିଭକ୍ତ କରିବାର ଆବଶ୍ୟକତା ମଣିଷ ଅନୁଭବ କଲା। ପ୍ରଥମାବସ୍ଥାରେ ଯେଉଁ ବୈବାହିକ ବ୍ୟବସ୍ଥା ଥିଲା, ବୟସ ଭେଦରେ ସେ ପ୍ରକାର ଯୌନ ସମ୍ପର୍କର ଅଧିକାର ପ୍ରତି ଯେ ଅସନ୍ତୋଷ ପ୍ରକାଶ ପାଇଥିବ, ତାହା ସହଜେ ଅନୁମାନ କରାଯାଇପାରେ। ପରିବାରର ଏକତା ରକ୍ଷା କରିବା ଦୃଷ୍ଟିରୁ ଯୌନ ସମ୍ପର୍କରେ ଅଧିକାରରେ ଯାହା ଅସନ୍ତୋଷର କାରଣ, ସେଗୁଡ଼ିକ ଦୂର କରିବାକୁ ଯାଇ ବୈବାହିକ ସମ୍ପର୍କକୁ ସମାଜ ଅଧିକ ଶୃଙ୍ଖଳିତ ଓ ନିୟନ୍ତ୍ରିତ କଲା। ଉତ୍ପାଦନର ଉପକରଣ ଉନ୍ନତି ସାଧନାରେ ଯେପରି ବିଭିନ୍ନ ସ୍ତର ଦେଖାଯାଏ, ସମାଜରେ ବୈବାହିକ ସମ୍ପର୍କ ସେହିପରି ବିଭିନ୍ନ ସ୍ତର ଦେଇ ଗତି କରିଛି।

ଆଦିମ ଗୋଷ୍ଠୀଗତ ବିବାହକୁ ନିୟନ୍ତ୍ରିତ କରିବାକୁ ଯାଇ ସମାଜ ବିଭିନ୍ନ ପୁରୁଷାନୁଯାୟୀ ଯୌନ ସମ୍ପର୍କ ପ୍ରତିଷ୍ଠା କରିବାକୁ ବିଧି ବାନ୍ଧିଲା। ଯୌଥ ବିବାହ କିନ୍ତୁ ଏ ନୂଆ ବ୍ୟବସ୍ଥାରେ ବଞ୍ଚି ରହିଥିଲା। "ପରିବାରର ଅନ୍ତର୍ଭୁକ୍ତ ପିତାମହ ବର୍ଗ ଓ ପିତାମହୀ ବର୍ଗ ସମସ୍ତେ ସମସ୍ତଙ୍କର ସ୍ବାମୀ ଓ ସ୍ତ୍ରୀ; ସେମାନଙ୍କର ସନ୍ତାନମାନେ ଅର୍ଥାତ୍ ପିତୃବର୍ଗ ଓ ମାତୃବର୍ଗ ମଧ୍ଯ ତଦ୍ରୂପ (ପରସ୍ପରର ସ୍ବାମୀ ଓ ସ୍ତ୍ରୀ) ସେମାନଙ୍କର ସନ୍ତାନମାନେ ପୁଣି ବୈବାହିକ ମିଳନ ଲାଗି ତୃତୀୟ ଚକ୍ର ଗଠନ କରନ୍ତି ଏବଂ ସେମାନଙ୍କର ସନ୍ତାନମାନେ-ଅର୍ଥାତ୍ ପ୍ରପୌତ୍ର ବର୍ଗ ସେହିପରି ଚତୁର୍ଥ ଚକ୍ର ଗଠନ କରନ୍ତି।"(Engels: Origin of Family) ପିତାମାତା ଓ ସନ୍ତାନ ଏପରି ବିଭିନ୍ନ ପୁରୁଷ ମଧ୍ୟରେ ବୈବାହିକ ସମ୍ପର୍କ ନିଷିଦ୍ଧ ହେଲେ ମଧ୍ୟ ସମାନ ପୁରୁଷ ମଧ୍ୟରେ ଅର୍ଥାତ୍ ଭ୍ରାତା ଭଗିନୀଙ୍କ ମଧ୍ୟରେ ଯୌଥ ବିବାହ ପ୍ରଚଳିତ ଥିଲା। ଏ ପ୍ରକାର ବୈବାହିକ ମିଳନ ଫଳରେ ପ୍ରତ୍ୟେକ ଦମ୍ପତି-ଚକ୍ର ଅନ୍ୟମାନଙ୍କଠାରୁ ପୃଥକ ହୋଇ ବସବାସ କରିବାକୁ ଲାଗିଲେ। ଗୋଷ୍ଠୀ ମଧ୍ୟରେ ଏମାନଙ୍କୁ ଭିତ୍ତି କରି କେତେଗୁଡ଼ିଏ ପରିବାର ଗଢ଼ି ଉଠିଲା। ଏ ପ୍ରକାର ପରିବାରକୁ ସପିଣ୍ଡ ପରିବାର (Consanguine Family) ଆଖ୍ୟା ଦିଆଯାଏ। ଏ ରୀତିରେ ବିବାହ ଆରଣ୍ୟକ ଯୁଗର ନିମ୍ନତମ ସ୍ତରରେ ପ୍ରଚଳିତ ଥିଲା। ଗୋଷ୍ଠୀ ମଧ୍ୟରେ ପରିବାରର ଗଠିତ ହେବା ଫଳରେ ପରିବାରକୁ ଭିତ୍ତି କରି ପରିବାର ଅନ୍ତର୍ଭୁକ୍ତ ବ୍ୟକ୍ତିମାନେ ସେମାନଙ୍କ ଜୀବନ ନିର୍ବାହ କରୁଥିଲେ। ଏହାଦ୍ବାରା କିନ୍ତୁ ଗୋଷ୍ଠୀଗତ ଜୀବନ ଲୋପ ପାଇନଥିଲା,ପରିବାର ଗୋଷ୍ଠୀର ଅଧୀନ ଓ ତହିଁର ଏକ ଅଙ୍ଗ ରୂପେ କାର୍ଯ୍ୟ କରୁଥିଲା।

ସପିଣ୍ଡ ପରିବାରରେ ଏକ ମାତାର ସନ୍ତାନମାନଙ୍କ ମଧ୍ୟରେ ଯୌନ ସମ୍ପର୍କ ସ୍ଥାପିତ ହେବାର ଅଧିକାର ସମାଜରେ ପ୍ରଚଳିତ ଥିଲା। ଉନ୍ନତତର ସନ୍ତାନ ଜନନ ଲାଗି ଭିନ୍ନ ରକ୍ତ ସହିତ ମିଳନ ପାଇଁ ମଣିଷର ସ୍ବତଃପ୍ରବୃତ୍ତିବଶତଃ ହେଉ ବା ଏକ ମାତାର ସନ୍ତାନମାନଙ୍କର ମିଳନରୁ ଜାତ ସନ୍ତାନମାନେ ରୁଗ୍ଣ ଓ ଦୁର୍ବଳ ହୋଇ ସମାଜର ଶ୍ରମଶକ୍ତି ହ୍ରାସ କରାଉଛନ୍ତି, ଏ ବିଷୟରେ ସମାଜର ସଚେତନ ଉପଲବ୍ଧି ପାଇଁ ହେଉ, କିଛିକାଳ ପରେ ପ୍ରଥମେ ଏକ ମାତାର ସନ୍ତାନମାନଙ୍କ ମଧ୍ୟରେ ଓ ପରେ ମାତୃ ପକ୍ଷୀୟ ଦୂର ସମ୍ପର୍କୀୟମାନଙ୍କ ମଧ୍ୟରେ ବି ବୈବାହିକ ସମ୍ପର୍କ ନିଷିଦ୍ଧ ହେଲା। କିନ୍ତୁ ଏବେ ବି ଯୌଥବିବାହ ରୀତି ଚାଲୁ ରହିଛି। ଏ ନିଷେଧ ଫଳରେ ଭଉଣୀମାନେ ସହୋଦର ଭାଇମାନଙ୍କ ଛଡ଼ା ଗୋଷ୍ଠୀର ଏପରି କି ପରିବାରର ଭାଇମାନେ ଅନ୍ୟତ୍ର ବିବାହ ହୋଇ ଅନ୍ୟ ଏକ ପାରିବାହିକ ସଂସାର ଗଢ଼ିଲେ। ଏହାଦ୍ବାରା ସପିଣ୍ଡ ପରିବାର ଭାଙ୍ଗିଯାଇ ନୂଆ ପ୍ରକାରର ପରିବାର ଗଢ଼ାହେଲା. ଯାହାକୁ 'ପୁନାଲୁଆ-ପରିବାର' (Pumaluan Family) ବୋଲାଯାଏ। ହାୱାଇର ଆଦିମ ଆଧିବାସୀମାନଙ୍କ ମଧ୍ୟରେ ପୁନାଲୁଆ ନାମକ ଉପରୋକ୍ତ ରୀତିରେ ବୈବାହିକ ପ୍ରଥା ଇତିହାସ ଯୁଗରେ ବି ପ୍ରଚଳିତ ଥିବାରୁ ଏହାର ନାମକରଣ ଏପରି ହୋଇଅଛି। ଆର୍ଯ୍ୟଜାତିମାନଙ୍କ ମଧ୍ୟରେ ଏ ପ୍ରକାର ପରିବାରକୁ 'ଗୋତ୍ର' ଆଖ୍ୟା ଦିଆଯାଇଥିଲା ବୋଧହୁଏ। ଭଉଣୀମାନଙ୍କୁ କେନ୍ଦ୍ରକରି ବିଭିନ୍ନ ବାସ ସଂସ୍ଥାନ ଗଢ଼ି ଉଠିଥିଲା। ଦକ୍ଷ ପ୍ରଜାପତି ଉପଖ୍ୟାନରେ ଦକ୍ଷଙ୍କର ଷାଠିଏ କନ୍ୟା ସାତ ପ୍ରଜାପତିଙ୍କୁ ସ୍ବାମୀ ରୂପେ ବରଣ କରି ସୃଷ୍ଟି ଆରମ୍ଭ କଲେ ବୋଲି ବର୍ଣ୍ଣନା ଅଛି, ତାହା ସୂଚନା ଦିଏ ।ବୋଧହୁଏ ଏ ପ୍ରକାର ପରିବାର ପ୍ରତିଷ୍ଠାତା।ଏ ପ୍ରକାର

# ସଭ୍ୟତାର ଆଗେ

କବି ରଘୁନାଥ ଦାସ

ପରିବାରରେ ପୁତ୍ର ସନ୍ତାନମାନେ ବିବାହ ପରେ ମା'ର ପରିବାର ପରିତ୍ୟାଗ କରୁଥିଲେ। ତେଣୁ ମା ଓ ତାର ଭାଇ ଭଉଣୀ ଏବଂ ସେମାନଙ୍କର ସ୍ବାମୀମାନେ , କନ୍ୟାସନ୍ତତି ଓ ସେମାନଙ୍କର ସ୍ବାମୀମାନେ, କନ୍ୟାର କନ୍ୟାମାନେ ଓ ସେମାନଙ୍କର କନ୍ୟାମାନେ ...ଏହିପରି ଭାବେ ଏ ପରିବାର ଗଠିତ ହେଉଥିଲା ଓ ଏମାନେ ଏକ ପରିବାରଭୁକ୍ତ ଆଉ ଏକ ବାସ ଏକତ୍ର ଚଳାଚଳ ହେଉଥିଲେ। 'ଭାତୃବର୍ଗ ଓ ଭଗିନୀବର୍ଗ, ଏପରିକି ମାତୃପକ୍ଷରେ ଦୂର ସମ୍ପର୍କୀୟ ଏ ସମସ୍ତଙ୍କ ମଧ୍ୟରେ ଯୌନ ସମ୍ପର୍କ ଯେବେ ନିଷିଦ୍ଧ ହୋଇଗଲା, ଉପରୋକ୍ତ (ପାରିବାରିକ) ଉପଗୋଷ୍ଠୀ (group) ରୂପାନ୍ତର ଗ୍ରହଣ କଲା-ଜେନ୍‌ସକୁ (ଲେ:ସଂସ୍କୃତ, ଜନ:?) ଅର୍ଥାତ୍ ନାରୀପକ୍ଷୀୟ ଉକ୍ତ ସମ୍ପର୍କୀୟଙ୍କୁ ନେଇ ଏହା ନିବିଡ଼ଭାବେ ସୀମାବଦ୍ଧ ଏକ (ସାମରିକ ଅନୁଷ୍ଠାନ) ଚକ୍ର ଗଠନ କଲା, ଯେଉଁମାନଙ୍କ ମଧ୍ୟରେ ପରସ୍ପର ସହିତ ବିବାହ ନିଷିଦ୍ଧ ଥିଲା।' (Engels: Origin of Family)ପୃଥିବୀର ପ୍ରତ୍ୟେକ ଜାତିରେ ଏ ପ୍ରକାର ଅନୁଷ୍ଠାନ ଥିବାର ଜଣାଯାଏ। ଗ୍ରୀକ୍ ଭାଷାରେ (ଜେନୋସ୍) (genos) ଲାଟିନ୍ 'ଜେନ୍‌ସ୍' (gens)ଗଥିକ 'କୁନି'(kuni) ପ୍ରାଚୀନ ନୋର୍ଡ଼ିକ୍ ଓ ଆଙ୍ଗ୍‌ଲୋ ସାକ୍‌ସନ୍ 'କିନ୍'(kyn),ଇଂରାଜୀ (kin)ମଧ୍ୟ ଉଚ୍ଚ ଜର୍ମାନ୍ 'କୁନେ'(kunne) ଓ ସଂସ୍କୃତ 'ଗଣ' ଶବ୍ଦର ବ୍ୟବହାର କୁଟୁମ୍ବ ବା ଏକ ବଂଶୋଦ୍ଭବ ଏହି ଅର୍ଥ ପ୍ରକାଶ କରେ। ଅନୁମାନ କରାଯାଏ ଏ ବିଭିନ୍ନ ଜାତି ଏକ ଆଦିମ ଗୋଷ୍ଠୀରୁ ବିଚ୍ଛିନ୍ନ ହୋଇଯିବା ପୂର୍ବରୁ ସେମାନଙ୍କର ସମାଜରେ ଏହି ପ୍ରକାର ଅନୁଷ୍ଠାନ ଗଢ଼ିଉଠିଥିଲା।

ପୁନାଲୁଆ ପରିବାର ଯୌଥବିବାହ ଉପରେ ପ୍ରତିଷ୍ଠିତ। ଯୌଥ ବିବାହରେ କେଉଁ ସ୍ବାମୀ ଔରସରୁ କେଉଁ ପୁତ୍ର ଜାତ ହେଲା, ତାହା ଜାଣିବା ସହଜ ନଥିଲା। ସନ୍ତାନର ମାତୃତ୍ବ ବିଷୟରେ କିନ୍ତୁ ସନ୍ଦେହ ନାହିଁ। ତେଣୁ ସମାଜର ଏହି ଅବସ୍ଥାରେ ସନ୍ତାନମାନଙ୍କର ପରିଚୟ ଥିଲା ମାତୃକୂଳ ଅନୁଯାୟୀ, ଯଥା- ଅଦିତିର ପୁତ୍ର ଆଦିତ୍ୟ, ଦିତିର ପୁତ୍ର ଦୈତ୍ୟ, ଦନୁର ପୁତ୍ର ଦାନବ, କାର୍ତ୍ତିକାର ପୁତ୍ର କାର୍ତ୍ତିକେୟ ଇତ୍ୟାଦି। ପରିବାରର ସମ୍ପତ୍ତି ଜେନ୍‌ସ ବା ଗୋତ୍ରୁ ମଧ୍ୟରେ ଯେପରି ରହେ, ସେଥିଲାଗି ତହିଁରେ ଉତ୍ତରାଧିକାରୀ ମାତାନୁବର୍ତ୍ତୀ ଥିଲା, ଅର୍ଥାତ୍ ମାଆକୂଳ ଅନୁସରଣ କରି ତାର କନ୍ୟା ଓ ସେମାନଙ୍କର କନ୍ୟାମାନେ ଏହା ପାଉଥିଲେ।

ଆରଣ୍ୟକ ଯୁଗର ମଧ୍ୟମ ଓ ଉତ୍ତମ ସୋପାନରେ ଏ ପ୍ରକାର ପରିବାର ଥିଲା ବୋଲି ଅନୁମାନ କରାଯାଏ। ତ୍ରେତାଯୁଗରେ ସଂସ୍ପର୍ଶକୁ (by association,by bringing togather) ସନ୍ତାନମାନଙ୍କର ଜନ୍ମ ହେଉଥିଲା ବୋଲି ମହାଭାରତ ଶାନ୍ତି ପର୍ବରେ ଯାହା ବର୍ଣ୍ଣନା ଅଛି, ବୋଧହୁଏ ଏ ପ୍ରକାର ବିବାହ ପ୍ରଥା ତାହାଦ୍ବାରା ସୂଚିତ ହୋଇଛି।

*ତତସ୍ତୋତାଯୁଗେ କାଳେ ସଂସ୍ପର୍ଶାତ୍ ଜାୟତେ ପ୍ରଜା,*

*ନ ହ୍ୟଭୁନ୍ ମୈଥୁନୋଧର୍ମ ସ୍ତେଷାମପି ଜନାଧିପ।*

ଏହି ପ୍ରକାର ବୈବାହିକ ସମ୍ପର୍କ ନେଇ ସମାଜରେ ନାନା ପରୀକ୍ଷାମୂଳକ ବ୍ୟବସ୍ଥା ଦେଖା ଦେଇଥିବ ନିଶ୍ଚୟ। ଯୌନ ଜୀବନକୁ ଅଧିକ ଶୃଙ୍ଖଳିତ କରିବା ଲାଗି ହେଉ, ସମ୍ପତ୍ତି ବୃଦ୍ଧି ଓ ତାହା ସନ୍ତାନମାନଙ୍କ ମଧ୍ୟରେ ବଣ୍ଟନ କରିବାରେ ଅସୁବିଧା ହେତୁ ହେଉ, ଆରଣ୍ୟକ ଯୁଗର ଶେଷ ଓ ବର୍ବର ଯୁଗର ଆରମ୍ଭରେ ଯୌଥ ବିବାହ ପ୍ରଥା ଲୋପ ପାଇଲା। ଉତ୍ପାଦନ ପ୍ରଣାଳୀରେ କିଞ୍ଚିତ୍ ଉନ୍ନତି ଦେଖାଦେବା ସହିତ ଛୋଟ ଛୋଟ ପରିବାର ଗଠନ କରି ମଣିଷ ଚଳିପାରିଲା। ଗୋଟିଏ ପୁରୁଷକୁ ଗୋଟିଏ ନାରୀ ଏପରି ବିବାହ ଚାଲୁ ହେଲା। ଆର୍ଯ୍ୟ ସମାଜରେ ଏ ପ୍ରକାର ବିବାହର ଆଖ୍ୟା ଥିଲା ମୈଥୁନ। 'ଦ୍ବାପରେ ମୈଥୁନ ଧର୍ମଃ ପ୍ରଜାନାମ ଭବନ୍ ନୃପ' (ମହାଭାରତ-ଶାନ୍ତି ପର୍ବ)। ଏତେବେଳକୁ ଏ ପ୍ରକାର ବନ୍ଧନ ଦୃଢ଼ ହୋଇନଥାଏ ପୁରୁଷ ଓ ନାରୀ ସେ କେହି ବିବାହ-ବନ୍ଧନ ଛେଦକରି ପୁନରାୟ ବିବାହ କରି ପାରୁଥିଲେ; ଦାମ୍ପତ୍ୟ

Powered by Tekons

*ଅନ୍ୟାନ୍ୟ ରଚନା*

# ସଭ୍ୟତାର ଆଗେ

*କବି ରଘୁନାଥ ଦାସ*

ଜୀବନରେ ମଧ୍ୟ ଅପର ପୁରୁଷ ଓ ଅପର ସ୍ତ୍ରୀ ସହିତ ସହବାସ କରିବାର ସ୍ବାଧୀନତା ଥିଲା ଉଭୟଙ୍କର। ହେଲେ ପରିବାର ଦୁଇଜଣଙ୍କୁ ନେଇ ଗଢ଼ା ଯାଉଥିଲା ଯୁଗ୍ମ-ପରିବାର (Pairing family) ରାଧା ଓ କୃଷ୍ଣଙ୍କ ଯୁଗଳମିଳନ ଉପାଖ୍ୟାନ ବୈବାହିକ ଜୀବନରେ ବୈପ୍ଳବିକ ପରିବର୍ତ୍ତନ ପରେ ଯେଉଁ ଅନୁଷ୍ଠାନ ପ୍ରତିଷ୍ଠା ହେଲା ତାହାରି ସୂଚନା ଦିଏ ବୋଲି ଅନୁମାନ।

ବହୁକାଳ ଗୋତ୍ର ଜୀବନରେ ଅଭ୍ୟସ୍ତ ହୋଇଥିବା ଯୋଗୁଁ ହେଉ, ସମାଜରେ ଉତ୍ପାଦନର ଅନୁନ୍ନତ ଅବସ୍ଥା ଥିବାଯୋଗୁଁ ହେଉ, ଯୁଗ୍ମ ପରିବାର ଦେଖାଦେବା ପରେ ଅନେକ କାଳ ଧରି ଗୋତ୍ରର ବିଭିନ୍ନ ପରିବାର ଏକତ୍ର ବାସ କରୁଥିଲେ ଏବଂ ସେମାନଙ୍କର ଉତ୍ପନ୍ନକୁ ଏକତ୍ର ଉପଭୋଗ କରୁଥିଲେ।

ଗୋଷ୍ଠୀରେ ଲୋକ ସଂଖ୍ୟା ବୃଦ୍ଧି ପାଇଲା। କାହିଁ କାହିଁ ଗୋଷ୍ଠୀ ବିଭକ୍ତ ହୋଇଯାଇ ତହିଁରେ କେତେଗୁଡ଼ିଏ ଭାଇଆରା ଦଳ ଦେଖାଦେଲେ। ଭାଇଆରା ଦଳ ମଧ୍ୟରେ ପୁଣି କେତେଗୁଡ଼ିଏ ଜେନ୍ସ୍ (ଗୋତ୍ର) ଅନୁଷ୍ଠାନ; ଗୋତ୍ରରେ ପୁଣି ଏବେ କେତେଗୁଡ଼ିଏ ଯୁଗ୍ମ ପରିବାର ଗଢ଼ି ଉଠିଲା। ଅନ୍ୟାନ୍ୟ ଗୋଷ୍ଠୀଠାରୁ ଆତ୍ମରକ୍ଷା ପାଇଁ ଗୋଷ୍ଠୀ ଏବେ ବି ସଂଘବଦ୍ଧ ଜୀବନଯାପନ କରୁଛି; ଏକ ଅଞ୍ଚଳ ଛାଡ଼ି ଅନ୍ୟ ଅଞ୍ଚଳକୁ ଗଲାବେଳକୁ ସମୁଦାୟ ଗୋଷ୍ଠୀ ଗତିକରୁଛି। କଥିତ ଭାଷାର ପ୍ରଚଳନଠାରୁ ପ୍ରତ୍ୟେକ ଗୋଷ୍ଠୀର ଭାଷା ଅନ୍ୟ ଗୋଷ୍ଠୀର ଭାଷାଠାରୁ ନିଆରା ହେଲା।ପ୍ରତ୍ୟେକ ଗୋଷ୍ଠୀ ମଧ୍ୟରେ ପୂଜାପଦ୍ଧତି, ପ୍ରଥା ଚଳନୀ ଆଦି ନେଇ ଜାତିର ସ୍ବତନ୍ତ୍ର ସଂସ୍କୃତି ବା ଧର୍ମ ମଧ୍ୟ ଗଢ଼ି ଉଠିଲା। ଏଠାରୁ ଗୋଷ୍ଠୀ ଆଦିମ ଜାତି (Tribe) ରୂପେ ଓ ଭାଇଆରା ଦଳ ସଂପ୍ରଦାୟ (Phratry) ରୂପେ ପରିଚିତ ହେଲେ। ଜାତି, ସଂପ୍ରଦାୟ ଗୋତ୍ର ଓ ପରିବାର ଯେଝା ଯେଝା କର୍ମ କ୍ଷେତ୍ରରେ ସ୍ବାଧୀନ ଥିଲେ। ହେଲେ, ସଂଘବଦ୍ଧ ଜୀବନକୁ ସୁନିୟନ୍ତ୍ରିତ କରିବା ଲାଗି ପରିବାର ଉପରେ ଗୋତ୍ରର, ଗୋତ୍ର ଉପରେ ସଂପ୍ରଦାୟର ଓ ସଂପ୍ରଦାୟ ଗୁଡ଼ିକ ଉପରେ ଜାତିର କର୍ତ୍ତୃତ୍ବ ଥିଲା।

ବର୍ବର ଯୁଗର ପ୍ରଥମ ସୋପାନରେ ମଣିଷ ପଶୁ ପାଳିଲା ଏବଂ ମକା ଜାତୀୟ ଫସଲ ଓ ପନିପରିବା ଚାଷ କଲା। ଉତ୍ପାଦନ ପ୍ରଣାଳୀ ଅନୁନ୍ନତ ଥିବା ହେତୁ କେହି ଜଣେ କୌଣସି ଜମି ଚାଷ କରିବା ସମ୍ଭବ ନ ଥିଲା। ଗୋତ୍ରର ସମସ୍ତ ପରିବାର ମିଳିତ ଭାବରେ ବା କେତେକ ପରିବାର ମିଳି ଚାଷ କରନ୍ତି। ଉତ୍ପାଦନ ଲାଗି ଶ୍ରମଶକ୍ତି ଯେପରି ଅଭାବ ନ ପଡ଼େ, ସେଥିଲାଗି ପୋଷ୍ୟପୁତ୍ର ଗ୍ରହଣ କରି ଗଣଭୁକ୍ତ କରିବା ପ୍ରଥା ସମାଜରେ ଦେଖାଦେଲା। ମିଳିତ ଭାବରେ ପଶୁ ପାଳନ କରାଯାଉଥିଲା। ଜମି, ଗୋଚାରଣ ଭୂମି ବା ପଶୁ କାହାରି ବ୍ୟକ୍ତିଗତ ସମ୍ପତ୍ତି ନଥିଲା। ଯେଉଁମାନେ ଉତ୍ପନ୍ନ କରୁଥିଲେ, ସେମାନେ ଗୋତ୍ରରେ ଗୋଷ୍ଠୀଗତ ଜୀବନ ଚାଲୁଥିବା ବେଳେ ଉତ୍ପନ୍ନକୁ ଏକତ୍ର ଉପଭୋଗ କରୁଥିଲେ; ପରେ ପରିଶ୍ରମ ଅନୁଯାୟୀ ଭାଗ କରିନେଲେ। ଚାଷ କରୁଥିବା ଯାଏ ଜମି ଉପରେ ଗଣ ପରିବାର ବା ବ୍ୟକ୍ତିର ଦଖଲ କରିବାର ଅଧିକାର ଥିଲା। କେହି ଚାଷ ଛାଡିଦେଲେ , ଅନ୍ୟ ଯେଉଁମାନେ ଚାଷ କରନ୍ତି ସେମାନେ ତହିଁରେ ଫଳଭୋଗୀ ହୁଅନ୍ତି।

ଉତ୍ପାଦନର ଏ ନୂଆ ପ୍ରକ୍ରିୟା (ଚାଷ ଓ ପଶୁପାଳନ)ରେ ନାରୀ ପୁରୁଷ ସହିତ ସମାନ ସହଯୋଗ କରିପାରିଲା ନାହିଁ। ଯୁଗ ପରଠାରୁ ଦେଖିବା ପୁରୁଷ ହିଁ ପରିବାରର ଅଧିକାଂଶ ସମ୍ପତ୍ତି କମାଉଛି। ଫଳରେ ଗୋତ୍ର ଓ ପରିବାର ମଧ୍ୟରେ ନାରୀର ପ୍ରାଧାନ୍ୟ କ୍ରମଶଃ କମିଲା ଓ ପୁରୁଷର ପ୍ରାଧାନ୍ୟ ବଢ଼ିଲା। ସମାଜରେ ନାରୀ ପୁରୁଷ ସହ ସମାଜ ଆସନ କ୍ରମଶଃ ହରାଇଲା।

ଯୌଥ ବିବାହ ଓ ଯୌଥ ପରିବାର ଲୋପ ପାଇଛି; ଯୁଗ୍ମ ପରିବାର ପ୍ରତିଷ୍ଠା ଲାଭ କରିଛି ଏବଂ ପୁରୁଷ ସମ୍ପତ୍ତି କମାଉଛି। ଆଗ ଅପେକ୍ଷା ସମ୍ପତ୍ତିର ପରିମାଣ ଏବେ ଢେର ବଢ଼ିଯାଇଛି। ପ୍ରଶ୍ନ ଉଠିଲା ପୁରୁଷର ସମ୍ପତ୍ତି ନେବେ ମାତୃକୂଳର ରକ୍ତ ସମ୍ପର୍କୀମାନେ, ନା,ପିତୃକୂଳର ରକ୍ତ ସମ୍ପର୍କୀୟମାନେ। ବର୍ବର ଯୁଗର ପ୍ରଥମ ଓ ମଧ୍ୟମ ସୋପାନରେ ଦେଖାଯାଏ ପିତୃଅର୍ଜିତ ସମ୍ପତ୍ତିରେ ପିତୃକୂଳର ରକ୍ତସମ୍ପର୍କୀୟମାନେ

Powered by Tekons

# ସଭ୍ୟତାର ଆଗେ

କବି ରଘୁନାଥ ଦାସ

ମାତୃଅର୍ଜିତ ସମ୍ପତ୍ତିରେ ମାତୃକୂଳର ରକ୍ତ ସମ୍ପର୍କୀୟମାନେ ଉତ୍ତରାଧିକାରୀ ହେଉଛନ୍ତି। ଅର୍ଥାତ୍ ପୂର୍ବ ପ୍ରଚଳିତ ମାତାନୁବର୍ତ୍ତୀ ଅଧିକାର କ୍ରମଶଃ ହ୍ରାସ ପାଇ ପିତାନୁଗତ ଅଧିକାର ସମାଜରେ ପ୍ରତିଷ୍ଠା ଲାଭ କରିଛି।

କୃଷି ଓ ପଶୁପାଳନ ଜାଣିବା ପରେ ବର୍ବର ଯୁଗର ପ୍ରଥମ ଓ ବିଶେଷକରି ମଧ୍ୟମ ସୋପାନରେ ମଣିଷ ଚାଷ ଜମି ଓ ଗୋଚାରଣ ଭୂମି ଖୋଜି ବୁଲିଲା। ମଧ୍ୟ ଏସିଆ ଅଞ୍ଚଳରେ ବଲ୍‌ଟିକ୍ ଓ କାସ୍‌ପିଆନ୍ ହ୍ରଦ କୂଳରେ କେତେଗୁଡ଼ିଏ ଜାତି ବାସ କରୁଥିଲେ ବୋଲି ଅନୁମାନ କରାଯାଏ। ଖାଦ୍ୟ ସଂସ୍ଥାର ସନ୍ଧାନରେ ସେମାନେ ମୂଳ ଗୋଷ୍ଠୀ ଛାଡ଼ି ବିଭିନ୍ନ ଦିଗକୁ ଗତି କଲେ। ଦକ୍ଷିଣ ପୂର୍ବ ଦିଗକୁ ଆସି ଆର୍ଯ୍ୟମାନେ ଭାରତରେ ପ୍ରବେଶ କଲେ, ଦକ୍ଷିଣ ପଶ୍ଚିମକୁ ଯାଇ ଡୋରିଆନ୍ ଜାତି ପୁଞ୍ଜ ଗ୍ରୀସ୍ ଦେଶ ଓ ଲାଟିନ୍ ଜାତି ପୁଞ୍ଜ ଇଟାଲୀ ଦେଶ ଅଧିକାର କରିଥିଲେ।

ଲୌହର ପ୍ରଚଳନଠାରୁ ମଣିଷ ସ୍ଥାୟୀ ବାସିନ୍ଦା ହେବାକୁ ଆରମ୍ଭ କଲା। ଆଦିମ ଜାତି ଚାଷ ଓ ଗୋଚାରଣ ଯୋଗ୍ୟ ଜମି ଦେଖି ସେ ଅଞ୍ଚଳ ଅଧିକାରକରି ରହିଲା। ଅଧିକୃତ ଅଞ୍ଚଳ ଓ ତା'ର ସମସ୍ତ ଜମି, ଜଙ୍ଗଲ ଆଦି ଜାତିର ସମ୍ପତ୍ତି ହେଲା। ସେ ଅଞ୍ଚଳର ଗୋଟିଏ ଗୋଟିଏ ଅଂଶ ପ୍ରତ୍ୟେକ ଗୋତ୍ରର ଦଖଲରେ ରହିଲା। ପ୍ରଥମାବସ୍ଥାରେ ଗୋତ୍ରର ସମସ୍ତେ ବା କେତେକ ପରିବାର ମିଶି ଚାଷ କରୁଥିଲେ ଓ ଜମି ଗୋତ୍ରର କୋଠ ସମ୍ପତ୍ତି ବୋଲି ଗଣ୍ୟ ହେଉଥିଲା। ଗୋତ୍ରରେ ଲୋକସଂଖ୍ୟା ବୃଦ୍ଧି ପାଇବା ସହିତ ନୂଆ ନୂଆ ଜମି ଆବାଦି ହେଲା; ଆଉ କୋଠ ଚାଷ କରିବା ସମ୍ଭବ ହେଲାନାହିଁ। ଜମି ଗୋତ୍ରର ଥିଲେ ବି ପ୍ରତ୍ୟେକ ପରିବାର ଯେଉଁ ଜମି ଚାଷ କରୁଥିଲା, ତହିଁରେ ସେହି ପରିବାର ଦଖଲ-ଅଧିକାର ଅଛି ବୋଲି ବିବେଚିତ ହେଲା। ଏ ଅବସ୍ଥାରେ ଗୋତ୍ର ଆନ୍ତର୍ଗତ ବିଭିନ୍ନ ପରିବାରକୁ ଚାହିଁ ଜମି ବାଣ୍ଟି ଦେବା ଅଧିକ ସୁବିଧାଜନକ ହେଲା। ଏହାପରେ ସମାଜରେ ଗଣ୍ୟ ହେଲା ଓ ସେ ପରିବାର ତାହାକୁ ପ୍ରଥମେ ଗୋତ୍ର ମଧ୍ୟରେ ଅନ୍ୟ ପରିବାରକୁ ଓ ପରେ ଗୋତ୍ର ବାହାରେ ଅନ୍ୟ ଲୋକଙ୍କୁ ହସ୍ତାନ୍ତର କରିବାର ଅଧିକାର ଉଦ୍‌ଭବ ହେଲା। ଏଇ ସମୟରେ ଯାହା ଜାତୀୟ ସମ୍ପତ୍ତି ଥିଲା ଏହିପରି ଭାବେ ତାହା ପାରିବାରିକ ଓ ପରେ ବ୍ୟକ୍ତିର ଏକା ଏକ ସମ୍ପତ୍ତିରେ ପରିଣତ ହେଲା।

ସମାଜରେ ବ୍ୟକ୍ତିଗତ ସମ୍ପତ୍ତି ଦେଖାଦେବା ସହିତ ନାରୀ ସମାଜରେ ପୁରୁଷ ସହିତ ସମାନ ଆସନ ହରାଇ ବସିଲା। ପୁରୁଷ ପରିବାରର ମୁଖ୍ୟକର୍ତ୍ତା ସ୍ଥାନ ଅଧିକା କଲା ଓ ନାରୀ ତାର ଅଧୀନତା ସ୍ବୀକାର କରିବାକୁ ବାଧ୍ୟ ହେଲା। ଏଥିପୂର୍ବେ ମାତାକୁ କେନ୍ଦ୍ରକରି ଗୋତ୍ର ଗଢ଼ା ଯାଉଥିଲା। ପୁତ୍ରମାନେ ଅନ୍ୟ ଗୋତ୍ରରେ ବିଭା ହୋଇ ସ୍ତ୍ରୀର ଗୋତ୍ର ଅନ୍ତର୍ଭୁକ୍ତ ହେଉଥିଲେ। ଚାଷ ଓ ପଶୁ ପାଳନର ପ୍ରବର୍ତ୍ତନ ପରେ ପିତା ଚାଷାଦି କାର୍ଯ୍ୟରେ ପୁତ୍ରମାନଙ୍କ ସହଯୋଗ ଉପରେ ନିର୍ଭର କଲା। ଚାଷାଦି କାର୍ଯ୍ୟ ଶୃଙ୍ଖଳିତ ଭାବେ ପରିଚାଳିତ କରିବା ଦୃଷ୍ଟିରୁ ପୁତ୍ରମାନଙ୍କୁ ଅନ୍ୟ ଗୋତ୍ରକୁ ପଠାଇବା ଅସୁବିଧାଜନକ ବିବେଚିତ ହେଲା। ତେଣୁ କନ୍ୟାମାନଙ୍କୁ ଅନ୍ୟ ଗୋତ୍ର ଅନ୍ତର୍ଭୁକ୍ତ କରାଗଲା। ପିତୃକୂଳକୁ ନେଇ ଏବେ ଗୋତ୍ର ଗଢ଼ାହେଲା। ସମାଜରେ ମାତାନୁବର୍ତ୍ତୀ ଉତ୍ତରାଧିକାର ପ୍ରଥା ବିଲ୍‌କୁଲ୍ ଲୋପ ପାଇଲା। ସମ୍ପତ୍ତି ଗୋତ୍ର ମଧ୍ୟରେ ଯେପରି ରହିବ, ସେପରି ବ୍ୟବସ୍ଥା ହେଲା, ପିତୃକୂଳର ରକ୍ତସମ୍ପର୍କୀୟ ମାନଙ୍କୁ ପରିବାରର ସମ୍ପତ୍ତିରେ ଉତ୍ତରାଧିକାରୀ କରି।

ସମାଜରେ ବ୍ୟକ୍ତିଗତ ସମ୍ପତ୍ତିର ପ୍ରତିଷ୍ଠା ଫଳରେ ନାରୀ ପୁରୁଷ ସହିତ ସାମ୍ୟ ହରାଇବା ସଙ୍ଗେ ସଙ୍ଗେ ତାର ମୁକ୍ତି ବି କ୍ରମଶଃ ହ୍ରାସ ଲାଭ କରି ଶେଷରେ ସେ ପୁରୁଷର ବ୍ୟକ୍ତିଗତ ସମ୍ପତ୍ତି ତଳେ ଗଣା ହେଲା; କୁରୁସଭା ତଳେ ସେ ହେଲା ପଣ୍ୟ । ବିବାହ ବନ୍ଧନ ଛେଦ କରିବା ଲାଗି ତାର କୌଣସି ଅଧିକାର ରହିଲା ନାହିଁ। ପୁରୁଷର ଅପର ନାରୀ ସହ ସହବାସ କରିବାର, ଏପରି କି ବହୁ ବାର ଗ୍ରହଣ କରିବାର ସ୍ବାଧୀନତା ଥିଲେ ମଧ୍ୟ ନାରୀଠାରୁ ଦାବି କରାଗଲା ସ୍ବାମୀ ପ୍ରତି ଏକାନ୍ତ ଅନୁରକ୍ତି। ପର ପୁରୁଷର ଛାଇ ଦେଖି ସୀତାଙ୍କର ସତୀତ୍ବ ନଷ୍ଟ ହେଲା ଓ ସେ ଭ୍ରଷ୍ଟା ଦୋଷରେ ଦୂଷିତା ହେଲେ। ଶେଷରେ ସ୍ବାମୀର ବିଚାରେ ନାରୀର ଦେହୋତ୍ସର୍ଗ ମଧ୍ୟ ସମାଜର (ପୁରୁଷର) ଅନୁମୋଦିତ ଧର୍ମ ହେଲା।

# ସଭ୍ୟତାର ଆଗେ

କବି ରଘୁନାଥ ଦାସ

ପୁରୁଷ ପକ୍ଷରେ ବହୁ ନାରୀ ସଂଭୋଗର ସ୍ବାଧୀନତା ସମାଜାନୁମୋଦିତ ହେଲେ ମଧ୍ୟ ଏକାଧିକ ନାରୀକୁ ପ୍ରତିପୋଷଣ କରିବା ସାଧାରଣ ବ୍ୟକ୍ତି ପକ୍ଷରେ ସମ୍ଭବପର ନଥିଲା। ଏକ ଦାରା ଗ୍ରହଣ ସାମଜରେ ସାଧାରଣତଃ ପ୍ରଚଳିତ ରୀତି ହେଲା। କେବଳ ସ୍ବଚ୍ଛଳ ବ୍ୟକ୍ତି ଏକାଧିକ ନାରୀ ସହିତ ପ୍ରଣୟ ବା ପରିଣୟ କରୁଥିଲା।

ବ୍ୟକ୍ତିଗତ ସମ୍ପତ୍ତି ସମାଜରେ ଆଣିଦେଲା ନୂଆ ପ୍ରକାର ପରିବାର-ଦାମ୍ପତ୍ୟ ପରିବାର (Monogamous) ବର୍ବର ଯୁଗର ଉତ୍ତମ ସୋପାନରୁ ଏ ପ୍ରକାର ପରିବାର ପ୍ରତିଷ୍ଠା ଲାଭ କରି ଆଦ୍ୟାବଧି ସମାଜରେ ଚାଲୁ ରହିଅଛି।

-କଥା କଳିଯୁଗେ ରାଜନ୍ ଦ୍ବନ୍ଦ୍ବମାପେଦେରେ ଜନାଃ।

(ମହାଭାରତ: ଶାନ୍ତିପର୍ବ)

ଅର୍ଥାତ୍ ଏଥିପୂର୍ବେ ପୁରୁଷ ଓ ନାରୀର ସାମ୍ୟ, ମୁକ୍ତି, ମୈତ୍ରୀ ଉପରେ ପ୍ରତିଷ୍ଠିତ ପରିବାର ଏବେ ଲୋପ ପାଇଛି (ବ୍ୟକ୍ତିଗତ ସମ୍ପତ୍ତିର ଆବିର୍ଭାବ ହେତୁ) ବୈଷମ୍ୟ, ବଶ୍ୟତା, ତେଣୁ ବିରୋଧ-ଏହି ଦ୍ବନ୍ଦ୍ବ ଉପରେ ଚଳନ୍ତି ସମାଜର ପରିବାର ପ୍ରତିଷ୍ଠିତ ହୋଇଛି।

କୃଷି ଓ ପଶୁପାଳନକୁ ମଣିଷ ପ୍ରଧାନ ଅବଲମ୍ବନ ରୂପେ ଗ୍ରହଣ କରିବା ଫଳରେ ପୂଜାପଦ୍ଧତି କରିବା, ଦେଶରକ୍ଷା କାର୍ଯ୍ୟ ଲାଗି ଅସ୍ତ୍ରଶିକ୍ଷା କରିବା ପ୍ରଭୃତି କାର୍ଯ୍ୟ ତୁଲାଇବା ସମସ୍ତଙ୍କ ପକ୍ଷରେ ସମ୍ଭବ ହେଲାନାହିଁ। ସମାଜରେ ଶ୍ରମ ବିଭାଗ ଦେଖାଦେଲା; ଥୋକେ ପୂଜା ପଦ୍ଧତି, ଶିକ୍ଷା,ଅଧ୍ୟାପନା କଲେ; ଥୋକେ ଅସ୍ତ୍ରଶିକ୍ଷା କରି ଦେଶ ରକ୍ଷା କଲେ, ଆଉ କେତେକ ଜାତିର ଜୀବନ ଧାରଣ ଓ ଅର୍ଥ ସମାଗମ ଲାଗି କୃଷି ଆଦିରେ ଲାଗି ରହିଲେ। ଶତ୍ରୁ ପକ୍ଷର ବନ୍ଦୀମାନେ ଭିନ୍ନ ଧର୍ମର ଥିବାର ଜାତି ମଧ୍ୟରେ ସେମାନଙ୍କୁ ଗ୍ରହଣ କରାଯାଇନପାରେ। ସେମାନଙ୍କୁ ଦାସରେ ପରିଣତ କରାଗଲା।ଦାସମାନଙ୍କୁ ସମାଜର ସବୁଠାରୁ କଠିନ ଓ ନିକୃଷ୍ଟ କାର୍ଯ୍ୟମାନ କରିବାରେ ନିଯୁକ୍ତି କରାଗଲା। ଆର୍ଯ୍ୟ ସମାଜ ବ୍ରାହ୍ମଣ, କ୍ଷତ୍ରିୟ, ବୈଶ୍ୟ ଓ ଶୁଦ୍ର ଏହିପରି ଚାରିବର୍ଣ୍ଣରେ ବିଭକ୍ତ ହୋଇ ଯାଇଥିଲା। ଗ୍ରୀକ୍ ଓ ଲାଟିନ୍ ରାଜ୍ୟମାନଙ୍କରେ ସମ୍ଭ୍ରାନ୍ତ ଶ୍ରେଣୀ କୃଷକ, କାରିଗର, ଭିନ୍ନ ଜାତୀୟ ବା ପ୍ଲେବିଆନ୍, ଦାସ ଏହିପରି ବିଭିନ୍ନ ଶ୍ରେଣୀର ଲୋକ ଦେଖାଦେଇଥିଲେ ମଧ୍ୟ।

ପୃଥିବୀର ବିଭିନ୍ନ ଅଞ୍ଚଳରେ ବିଭିନ୍ନ ଜାତି ପରସ୍ପରଠାରୁ ସ୍ବତନ୍ତ୍ର ହୋଇ ଗଢ଼ିଉଠି ଥିଲେ ହେଁ ପ୍ରତ୍ୟେକ ଜାତି ପ୍ରାୟ ଏକା ଭଳି ଅର୍ଥନୈତିକ ପରିସ୍ଥିତିର ସମ୍ମୁଖୀନ ହୋଇଥିଲେ। ଦେଶ ଓ ଜାତି-ଭେଦରେ ପୂଜା ପଦ୍ଧତି ପ୍ରଥା ଆଦି ଭିନ୍ନ ଭିନ୍ନ ହୋଇଥିଲେ ହେଁ ସର୍ବତ୍ର ସମାଜ ପ୍ରାୟ ଏକାଭଳି ଗତି ଧାରାରେ ପ୍ରବାହିତ ହୋଇଛି; ଫଳରେ ପ୍ରତ୍ୟେକ ଜାତିର ସାମାଜିକ ସଙ୍ଗଠନ ପ୍ରାୟ ଏକାଭଳି ରୂପ ନେଇଥିଲା।

## ଶାସନ ସଂସ୍ଥା

ଆଦିମାନବ ଥିଲା ଯାଯାବର। ଖାଦ୍ୟାନ୍ବେଷଣରେ ଗୋଷ୍ଠୀ ଏକ ଅଞ୍ଚଳରୁ ଅନ୍ୟ ଏକ ଅଞ୍ଚଳକୁ ଯାଏ। ସେ ଯୋଉଠି ରହିଲା, ସେତେବେଳ ଲାଗି ସେହି ହେଲା ତାର ବାସଭୂମି, ତା ଅଞ୍ଚଳ। ବିଭିନ୍ନ ଗୋଷ୍ଠୀ ଏକ ସମୟରେ ଗୋଟିଏ ଅଞ୍ଚଳକୁ ଦଖଲ କରିବାକୁ ଚାହୁଁଥିଲେ, ଗୋଷ୍ଠୀ ଗୋଷ୍ଠୀ ମଧ୍ୟରେ ଯୁଦ୍ଧ ଲାଗୁଥିଲା। ଯେଉଁ ଗୋଷ୍ଠୀ ପରାସ୍ତ ହୋଇ ଯାଉଥିଲା, ସେ ପଳାଇ ଯାଉଥିଲା; ବନ୍ଦୀ ହେଲେ ପୁରୁଷମାନଙ୍କୁ ହତ୍ୟା କରାଯାଉଥିଲା ଏବଂ ନାରୀମାନଙ୍କୁ ବୋଧହୁଏ ବିଜେତା ଗୋଷ୍ଠୀରେ ସାମିଲ୍ କରାଯାଉଥିଲା। ପୁରୁଷମେଧ ଓ ଅଶ୍ବମେଧ ବିଧି ବୋଧହୁଏ ଆଦିମ ଜୀବନରେ ଅପର ଗୋଷ୍ଠୀର ବନ୍ଦୀ ସୈନ୍ୟମାନଙ୍କର ହତ୍ୟା ଓ ଗୋଷ୍ଠୀର ଏକାଧିପତ୍ୟ ଅଧିକାରର ସୂଚନା ଦିଏ।

www.jataayu.org

# ସଭ୍ୟତାର ଆଗେ

କବି ରଘୁନାଥ ଦାସ

ଗୋଷ୍ଠୀ ମଧ୍ୟରେ ଜୀବନ ସଂଘବଦ୍ଧ ଥିଲା। ସମାଜରେ ଏତେବେଳକୁ କେହି ଶାସକ ବା ଶାସିତ ନଥିଲେ;ଶାସନର ଲୋଡ଼ାନଥିଲା ହୁଏତ। ଗୋଷ୍ଠୀର ସବୁ କାର୍ଯ୍ୟଦକ୍ଷ ଲୋକେ କାମ କରନ୍ତି, ଉତ୍ପନ୍ନ ଗୋଷ୍ଠୀର ସମ୍ପତ୍ତି, ଯାହାର ଯାହା ଦରକାର ସେ ତାହା ନିଏ। ଗୋଷ୍ଠୀରେ ପ୍ରତ୍ୟେକ ପ୍ରତ୍ୟେକକୁ ସାହାଯ୍ୟ କରେ।କାହାରିକୁ ବିପଦ ପଡ଼ିଲେ ଅନ୍ୟମାନେ ତାକୁ ରକ୍ଷା କରନ୍ତି। କାହାରି କିଛି କ୍ଷତି ହେଲେ ଅନ୍ୟମାନେ ତାର ପ୍ରତିଶୋଧ ନିଅନ୍ତି। ଭଲ ମନ୍ଦରେ ଗୋଷ୍ଠୀର ସମସ୍ତେ ବସି ବିଚାର କରନ୍ତି, ଗୋଷ୍ଠୀର ଜନମତ ଉପରେ ନିଷ୍ପତ୍ତି ଗ୍ରହଣ କରାହୁଏ; ତଦନୁସାରେ ଗୋଷ୍ଠୀ କାର୍ଯ୍ୟକରେ;ଆଇନକାନୁନ୍ ଏମାନଙ୍କର ନଥିଲା। ପ୍ରଥା, ଚଳନୀ, ପୂଜା ପଦ୍ଧତି ଉପରେ ଗଢ଼ି ଉଠିଥିବା ଗୋଷ୍ଠୀର ଧର୍ମ ଥିଲା ଗୋଷ୍ଠୀ ବିଚାର, ନିଷ୍ପତ୍ତି ଓ କ୍ରିୟାକଳାପ ଲାଗି ଏକମାତ୍ର ପଥ ନିର୍ଦ୍ଦେଶକ। ଗୋଷ୍ଠୀର ସ୍ବତନ୍ତ୍ର କୌଣସି ସେନାବାହିନୀ ନଥିଲା। ଗୋଷ୍ଠୀର ସବୁ ସମର୍ଥ ଲୋକେ-ପୁରୁଷ ଓ ନାରୀ- ଯୁଦ୍ଧକୁ ବାହାରନ୍ତି। କେହି ଗୋଷ୍ଠୀର ଗର୍ହିତ କାର୍ଯ୍ୟ କରିଥିଲେ, ଗୋଷ୍ଠୀ ତାର ନିନ୍ଦାକରେ, ଅପରାଧ ଗୁରୁତର ହୋଇଥିଲେ, ଅପରାଧୀ ଗୋଷ୍ଠୀରୁ ନିର୍ବାସିତ ହୁଏ । ବ୍ୟବସ୍ଥା,ବିଚାର,କାର୍ଯ୍ୟକାରୀ କର୍ମକର୍ତ୍ତା , ସେନାଗୋଷ୍ଠୀ ମଧ୍ୟରେ ଏପରି ପୃଥକ୍ ପୃଥକ୍ କୌଣସି ବିଭାଗ ଦେଖାଦେଇନଥିଲା। ପ୍ରତ୍ୟେକ ବିଷୟରେ ଗୋଷ୍ଠୀର ମତ ଦରକାର ପଡ଼େ। ମହାଭାରତ ଶାନ୍ତି ପର୍ବରେ ପ୍ରାଚୀନ କାଳରେ ସମାଜ କି ପ୍ରକାରେ ଚାଲିଥିଲା, ତାହାର ବର୍ଣ୍ଣନା ମିଳେ।

*ନୈଚ ରାଜ୍ୟଂ ନ ରାଜା{ସୀନ୍ନ ଚ ଦଣ୍ଡୋ ନ ଦାଣ୍ଡିକଃ।*

*ଧର୍ମେଣୈବ ପ୍ରଜାଃ ସର୍ବାରକ୍ଷନ୍ତିସ୍ମ ପରସ୍ପରମ୍।*

*ଶ୍ରୂୟନ୍ତେ ହି ପୁରାଣେଷୁ ପ୍ରଜାଧିଗ୍‌ଦଣ୍ଡାଶାସନାଃ।*

*ପାଲ୍ୟମାନସ୍ତଥା ନ୍ୟୋନ୍ୟମ୍, ପରସ୍ପରଂ ଭାବୟନ୍ତଃ।।*

***ପୁରା ଧିଗ୍ ଦଣ୍ଡ ଏବାସୀଦ୍।***

***ସଂହତ୍ୟ ଧର୍ମ-ଚରତାଂ ପୁରାସୀଦ୍ ସୁଖମେବ ତତ୍।***

***ତେଷାଂ ନାସୀଦ୍ ଦି ତବ୍ୟଂ ପ୍ରାୟଶ୍ଚିତ୍ତଂ କଥଞ୍ଚନଃ।***

ଗୋଷ୍ଠୀରେ ପ୍ରତ୍ୟେକଙ୍କର କର୍ତ୍ତବ୍ୟ ଯେପରି ସମାନ ଥିଲା ଅଧିକାର ମଧ୍ୟ ସେହିପରି ସମାନ ଥିଲା। କାହାରି ଆସନ ବା ସମ୍ମାନ ଅନ୍ୟମାନଙ୍କ ଠାରୁ ଉଚ୍ଚରେ ନଥିଲା। ଗୋଷ୍ଠୀଗତ ଜୀବନରେ ସାମ୍ୟ, ମୈତ୍ରୀ ଓ ମୁକ୍ତି ପୂର୍ଣ୍ଣମାତ୍ରାରେ ପ୍ରକାଶ ପାଉଥିଲା। ଏହା ଥିଲା ଆଦିମ ଗୋଷ୍ଠୀଗତ ଜୀବନ ଯେଉଁଠି ରାଷ୍ଟ୍ରନାହିଁ, ରାଷ୍ଟ୍ର ଶକ୍ତି ନାହିଁ ଅଥଚ ସମାଜ ସୁଶୃଙ୍ଖଳ ଗତିରେ ଚାଲିଛି।

ସମାଜରେ ପୂଜାପଦ୍ଧତି ଓ ପ୍ରଥା ଗଢ଼ିଉଠିବା ପରେ ପୂଜା ପଦ୍ଧତି ପ୍ରଥା ଗୁଡ଼ିକ ଠିକ୍ ଠିକ୍ କଣ, ଏହା ଜାଣିବା ଲାଗି ଗୋଷ୍ଠୀର ଅଳ୍ପ ବୟସ୍କମାନେ ବୃଦ୍ଧ ଓ ପ୍ରବୀଣମାନଙ୍କ ଉପରେ ନିର୍ଭର କରିଥିବେ ନିଶ୍ଚୟ । ପୂଜା ଆଦି ଯଥାବିଧି ସମାହିତ ହେବାଲାଗି ଧର୍ମର ଯଥାଯଥ ପ୍ରୟୋଗ ଲାଗି ସବୁଠାରୁ ପ୍ରବୀଣ ବ୍ୟକ୍ତିକୁ ଆଚାର୍ଯ୍ୟରୂପେ ପ୍ରଥମେ ଆବଶ୍ୟକମତେ ,ପରେ ନିର୍ଦ୍ଦିଷ୍ଟ ସମୟ ଲାଗି, ଗୋଷ୍ଠୀ ନିର୍ବାଚିତ କଲା। ସେହିପରି ଯୁଦ୍ଧକୁ ସୁଶୃଙ୍ଖଳିତ ଭାବେ ପରିଚାଳିତ କରିବା ଜଣେ ସେନାପତି ଆବଶ୍ୟକ ହେଲା। ପ୍ରଥମାବସ୍ଥାରେ ହୁଏତ ଆଚାର୍ଯ୍ୟ ସେନାପତି

# ସଭ୍ୟତାର ଆଗେ

କବି ରଘୁନାଥ ଦାସ

କାର୍ଯ୍ୟ ମଧ୍ୟ ଚଳାଉଥିଲା। ଏ ପଦ, ଗୋଷ୍ଠୀ ନିର୍ବାଚନ ଦ୍ବାରା ପୂରଣ କରୁଥିଲା ଏବଂ ଆବଶ୍ୟକ ପଡ଼ିଲେ ନିର୍ବାଚିତ ବ୍ୟକ୍ତିକୁ ବରଖାସ୍ତ କରୁଥିଲା। ଗୋଷ୍ଠୀ ମଧ୍ୟରେ ଏମାନଙ୍କର କୌଣସି  ସ୍ବତନ୍ତ୍ର  ବା ଅଧିକ ଅଧିକାର ନଥିଲା ସତ, କିନ୍ତୁ ପ୍ରବୀଣ ବିଜ୍ଞମାନେ ସମାଜରେ ଯେପରି ସମ୍ମାନିତ ହୋଇଥାନ୍ତି କାଳକ୍ରମେ ଏମାନେ ସେହିପରି ସମ୍ମାନାସ୍ପଦ ହେଲେ। ଗୋଷ୍ଠୀ ଉପରେ ଏମାନଙ୍କର କୌଣସି କର୍ତ୍ତୃତ୍ବ ନଥିଲା। ସାର୍ବଭୌମ କ୍ଷମତା ଗୋଷ୍ଠୀରେହିଁ ନିହିତ ଥିଲା।

ଗୋଷ୍ଠୀରେ ପରିବାର ଗଠନ ହେବାପରେ ବି ଜୀବନ ସେହିପରି ସଂଘବଦ୍ଧ ଥିଲା;  ସମୁଦାୟ ଗୋଷ୍ଠୀ ବସି ବିଚାର କରେ ନିଷ୍ପତ୍ତି ଗ୍ରହଣ କରେ ଓ ତଦନୁସାରେ କାର୍ଯ୍ୟକାରୀ ହୁଏ।

ଲୋକସଂଖ୍ୟା ବୃଦ୍ଧି ପାଇବା ଫଳରେ ଗୋଷ୍ଠୀ ମଧ୍ୟରେ କେତେଗୁଡ଼ିଏ ସମ୍ପ୍ରଦାୟ ଓ ସମ୍ପ୍ରଦାୟ ମଧ୍ୟରେ କେତେଗୁଡ଼ିଏ ଗୋତ୍ର ସୃଷ୍ଟି ହେଲା। ପ୍ରତ୍ୟେକ ଗୋତ୍ର ଓ ସମ୍ପ୍ରଦାୟ ମଧ୍ୟ ବିଶିଷ୍ଟ ପୂଜାପଦ୍ଧତି, ପ୍ରଥା ଓ ଚଳନୀ ଦାବି ଗଢ଼ି ଉଠିଲା। ଗୋତ୍ରର ପୂଜାପଦ୍ଧତି ଲାଗି ଜଣେ ହୋତା କାହିଁ କାହିଁ ଉପହୋତା ମଧ୍ୟ ନିର୍ବାଚନ କରାଯାଏ। ସେହିପରି ସମ୍ପ୍ରଦାୟର ହୋତା। ଗୋଷ୍ଠୀର ସଂଘବଦ୍ଧ ଜୀବନ ଅନୁରୂପ ଗୋତ୍ର ଓ ସମ୍ପ୍ରଦାୟର ଜୀବନ ଗଢ଼ା ହେଲା । ଗୋତ୍ର  ତାର ଜୀବନକୁ ନିୟନ୍ତ୍ରଣ କରୁଥିଲା, ବେଳେବେଳେ ଆବଶ୍ୟକ ହେଲେ ସମ୍ପ୍ରଦାୟର ସାହାଯ୍ୟ ଭିକ୍ଷା କରୁଥିଲା। ସମ୍ପ୍ରଦାୟ ଗୋତ୍ର ଗୋତ୍ର ମଧ୍ୟରେ ସମ୍ପର୍କକୁ ନିୟନ୍ତ୍ରିତ କରୁଥିଲା। ଗୋଷ୍ଠୀ ବା ଜାତି ଜାତୀୟ ଜୀବନକୁ ନିୟନ୍ତ୍ରିତ କରୁଥିଲା।

ଆରଣ୍ୟକ ଯୁଗରେ ଜାତି ଯେତେବେଳେ ଗୋତ୍ରରେ ବିଭକ୍ତ ହେଲା ପ୍ରତ୍ୟେକ ଗୋତ୍ରର ସ୍ବାତନ୍ତ୍ର୍ୟ ଓ ସଂସ୍କୃତି ରକ୍ଷା କରି ଜାତିର ଜୀବନକୁ ନିୟନ୍ତ୍ରିତ ଓ ପରିଚାଳିତ କରିବାର ଆବଶ୍ୟକତା ଦେଖାଦେଲେ। ଏହି ନିୟନ୍ତ୍ରଣ ବ୍ୟବସ୍ଥା ଶାସନର ପୂର୍ବଭାଗ ବୋଲି କୁହାଗଲେ ମଧ୍ୟ ଏହା ଶାସନ ନୁହେଁ। ଶାସ୍ତିଦେବା ବା ବଳ ପ୍ରୟୋଗ କରିବା ଲାଗି ସମାଜରେ ଅଦ୍ୟାବଧି କୌଣସି ଅନୁଷ୍ଠାନ ଗଢ଼ି ଉଠିନାହିଁ। ଏ ନିୟନ୍ତ୍ରଣ ବ୍ୟବସ୍ଥା ଜାତିର ଜନଗଣଠାରୁ ସ୍ବତନ୍ତ୍ର ନଥିଲା।

ଲୋକସଂଖ୍ୟା ଅଧିକ ବୃଦ୍ଧି ପାଇବା ସହିତ ଜାତିର ଅଧିକୃତ ଅଞ୍ଚଳ ବିସ୍ତୃତି ଲାଭ କଲା। ଆଗେ ଜାତି ସଭାରେ ସମସ୍ତେ ଯୋଗ ଦେଇ ମିଳିତ ନିଷ୍ପତ୍ତି କରୁଥିଲେ। କିନ୍ତୁ ଗୋଚାରଣ ଓ କୃଷି ପ୍ରଭୃତି ବିଭିନ୍ନ ଫନ୍ଦା ସମାଜରେ ଜୀବନଧାରଣର ପ୍ରଧାନ ପନ୍ଥା ହେବାଠାରୁ ଜାତିର ସମସ୍ତେ ଏକାଠି ବସି ବିଚାର କରିବା ସମ୍ଭବପର ହେଲାନାହିଁ।

ତେଣୁ ପ୍ରତି ଗୋତ୍ରରୁ ନିର୍ବାଚିତ ପ୍ରତିନିଧିଙ୍କୁ ନେଇ ଜାତିର ପ୍ରତିନିଧିସଭା ଗଢ଼ାଗଲା। ଏହି ସମୟରେ ମନେହୁଏ ପ୍ରତ୍ୟେକ ଜାତିର ଗୋତ୍ରସଂଖ୍ୟା ବା ଗୋତ୍ରର ଲୋକସଂଖ୍ୟା ଗଣିବାର ଆବଶ୍ୟକତା ଦେଖା ଦେଇଥିଲା। ସାମାଜିକ ଭିତ୍ତି ଉପରେ ଗଢ଼ା ଗୋତ୍ରଗୁଡ଼ିକର ରାଜନୈତିକ ନାମକରଣ 'ଗଣ' କୁ ହେଲା ବୋଧହୁଏ। ପ୍ରତିନିଧିଙ୍କୁ ନିର୍ବାଚନ କରିବାର ଅଧିକାର ସହିତ ତାଙ୍କୁ ଫେରାଇ ଆଣିବାର ଅଧିକାର ବି ଗଣର ଥିଲା।  ଜାତିର ଏହି ପ୍ରତିନିଧି ସଭା (Council of Chiefs) ଆଲୋଚନାରେ ଜାତିର ଯେ କୌଣସି ବ୍ୟକ୍ତି ଭାଗ ନେଇପାରୁଥିଲା। ଆଲୋଚନା ପରେ ପ୍ରତିନିଧିସଭା ଯେଉଁ ନିଷ୍ପତ୍ତି ଗ୍ରହଣ କରନ୍ତି, ସେହି ଅନୁସାରେ ଜାତି କାର୍ଯ୍ୟକାରୀ ହୁଏ। ପ୍ରତିନିଧିସଭା ଏକାଧାରରେ ଜାତିର ବ୍ୟବସ୍ଥାପକ, ବିଚାରକ ଓ କାର୍ଯ୍ୟକାରକ ଥିଲା। ଆଦିମ ଅବସ୍ଥାରେ ଏହି ପ୍ରଚାର ଗଣ ଶାସନ ବା 'ଗଣତନ୍ତ୍ର' ଚାଲୁ ରହିଥିଲା। ଏହା କେବଳ ଅନୁମାନର ବିଷୟ ନୁହେଁ। ଆମେରିକା ଆବିଷ୍କାର ପରେ ଦେଖାଗଲା ସେଠିକାର ଆଦିମ ଅଧିବାସୀମାନଙ୍କ ସମାଜ ବର୍ବର ଯୁଗର ପ୍ରଥମ ସୋପାନରେ । ସେଠିକାର ଇରୋକ୍ବିଜ୍ ଜାତିପୁଞ୍ଜ ମଧ୍ୟରେ  ଏଭଳି ଶାସନ ପଦ୍ଧତି ପ୍ରଚଳିତ ଥିଲା ବୋଲି ମର୍ଗନ 'ଆଦିମ ସମାଜ' ଗ୍ରନ୍ଥରେ ବର୍ଣ୍ଣନା କରିଛନ୍ତି।

*ଅନ୍ୟାନ୍ୟ ରଚନା*

# ସଭ୍ୟତାର ଆଗେ

କବି ରଘୁନାଥ ଦାସ

"ଜାତିର ପ୍ରତିନିଧିସଭା ଯୁଦ୍ଧ ଘୋଷଣା ବା ଶାନ୍ତିସ୍ଥାପନ କରିପାରେ, ଦୂତ ପଠାଇପାରେ। ଦୂରକୁ ଅଭିନନ୍ଦନ ଜଣାଇପାରେ, ଅନ୍ୟଜାତି ସହିତ ବନ୍ଧୁତା ସୂତ୍ରରେ ଆବଦ୍ଧ ହୋଇପାରେ। ଶାସନ ସମସ୍ୟାମାନ ଏଡ଼େ ସରଳ ଓ ଅଳ୍ପ ଥିଲା ଯେ ପ୍ରତିନିଧି ସଭା ହିଁ ଶାସନ ଲାଗି ଯେ ସେ କ୍ଷମତା ଆବଶ୍ୟକ, ସେ ସମସ୍ତ ପ୍ରୟୋଗ କରୁଥିଲା।"(ମାର୍ଗନ)

ପ୍ରତିନିଧିସଭା ବସି ନଥିବା ବେଳେ ଜାତିର ଦରକାରୀ ଜରୁରୀ କାମ ଚଳାଇବା ଲାଗି କୌଣସି କୌଣସି ଜାତି ମଧ୍ୟରେ ଜଣେ ମୁଖ୍ୟବ୍ୟକ୍ତି ନିର୍ବାଚିତ ହେବାର ଦେଖାଯାଏ  କିନ୍ତୁ ସେ ପ୍ରତିନିଧିସଭାର ଅଧୀନସ୍ଥ ହୋଇ କାର୍ଯ୍ୟ କରୁଥିଲା। କାହିଁ କାହିଁ ଦେଖାଯାଏ  କେତେଗୁଡ଼ିଏ କ୍ଷୁଦ୍ରଜାତି, ବୋଧହୁଏ ଆତ୍ମରକ୍ଷା ପାଇଁ ମିଳିତ ହୋଇ ଗୋଟିଏ ଗୋଟିଏ ସଂଯୁକ୍ତ ଜାତି ପରିଷଦ ଗଢ଼ିଛନ୍ତି। ସଂଯୁକ୍ତ ଜାତି ପରିଷଦକୁ ପ୍ରତ୍ୟେକ ଜାତି ସମାନ ସଂଖ୍ୟକ ସଦସ୍ୟ ପଠାନ୍ତି ଓ ପରିଷଦରେ ପ୍ରତ୍ୟେକ ଜାତିର ଅଧିକାର ଆସନ ସମାନ ଥିଲା। ପରିଷଦରେ ସମସ୍ତେ ଯହିଁରେ ଏକମତ ହେଉଥିଲେ;ତାହାହିଁ ଗୃହୀତ ହେଉଥିଲା।ଅର୍ଥାତ୍ (ମିଳିତ ଜାତିସଂଘର ଭିଟୋ ବ୍ୟବସ୍ଥାଭଳି)ଯେ କୌଣସି ଜାତି ପରିଷଦ ଆଗରେ ଉପସ୍ଥାପିତ ପ୍ରସ୍ତାବକୁ ନାକଚ କରିଦେଇପାରେ। କୌଣସି ଜାତିର ଆଭ୍ୟନ୍ତରୀଣ  ବିଷୟରେ ହସ୍ତକ୍ଷେପ କରିବାର ଅଧିକାର ସଂଯୁକ୍ତ ଜାତି ପରିଷଦର ନଥିଲା।

ଜାତୀୟ ଜୀବନକୁ ନିୟନ୍ତ୍ରଣ କରିବାର ଏ ପ୍ରକାର ବ୍ୟବସ୍ଥା ଚାଲୁ ରହିଲା ବର୍ବରଯୁଗ ମଧ୍ୟମ ସୋପାନ ପର୍ଯ୍ୟନ୍ତ। ଚାଷଯୋଗ୍ୟ ବା ପଶୁଚାରଣ ଯୋଗ୍ୟ ଜମି ଖୋଜିବାକୁ ଯାଇ ସେ କାଳରେ ଜାତି ଜାତି ମଧ୍ୟରେ ଯୁଦ୍ଧ ଅନେକ ସମୟରେ ଲାଗୁଥିଲା। ଦେଖାଗଲା ଧର୍ମଗୁରୁ ଯୁଦ୍ଧରେ ନେତୃତ୍ବ ଦେବାଲାଗି ସବୁବେଳେ ଯୋଗ୍ୟ ହେଉନାହିଁ। ଜାତିର ଜୀବନରେ ଏ ଅଭାବ ଦୂର କରିବାକୁ ଯାଇ ଜଣେ ସ୍ବତନ୍ତ୍ର ସେନାପତି ପଦର ସୃଷ୍ଟି ହେଲା। ସେନାପତି ଜାତି ଦ୍ବାରା ନିର୍ବାଚିତ ହେଉଥିଲା ଏବଂ ଆବଶ୍ୟକ ହେଲେ ତାକୁ ବରଖାସ୍ତ ମଧ୍ୟ କରାଯାଉଥିଲା। ପ୍ରଥମାବସ୍ଥାରେ ସୈନ୍ୟଚାଳନା କେବଳ ସେନାପତି ଉପରେ  ନିର୍ଭର କଲା, (ପ୍ରତିନିଧି ସଭାର ପୂର୍ବପରି ବିଚାରକ ଓ ବ୍ୟବସ୍ଥାପକର କାର୍ଯ୍ୟକରେ) ପରେ ପ୍ରତିନିଧି ସଭାର ନିଷ୍ପତ୍ତିକୁ କାର୍ଯ୍ୟକାରୀ କରିବା ବି ସେନାପତିର କର୍ତ୍ତବ୍ୟରେ ପରିଣତ ହେଲା। କର୍ତ୍ତବ୍ୟରୁ କାଳକ୍ରମେ ଏହା ତାହାର ଅଧିକାର ହେଲା। ସେନାପତି ହେଲା ଜାତିର ସେନାନାୟକ ଓ କାର୍ଯ୍ୟ୍ୟକାରକ। ଗ୍ରୀକ୍ ଜାତିମାନଙ୍କ ମଧ୍ୟରେ ବାସୀଲସ୍ (Basileus) ଲାଟିନ୍ ଜାତିମାନଙ୍କ ମଧ୍ୟରେ ପ୍ରିନ୍‌ସେପ୍ (Princep) ଆର୍ଯ୍ୟଜାତିମାନଙ୍କ ମଧ୍ୟରେ ରାଜପଦ ଏହିପରି ଭାବେ ଗଢ଼ା ହୋଇଥିଲା। ପ୍ରାଚୀନତମ ଆର୍ଯ୍ୟ ଗ୍ରନ୍ଥ ଋକ୍‌ବେଦରେ ବର୍ଣ୍ଣିତ ଏକ ଆଖ୍ୟାୟିକା ରାଜପଦ କିପରି ସମାଜରେ ଦେଖାଦେଲା, ସେହି ପ୍ରାଚୀନ ସ୍ମୃତି ଲିପିବଦ୍ଧ କରିଛି।

'ଦେବାସୁରା ବା ଏଷୁ ଲୋକେଷୁ ସମୟତଂତ...

ତାଂ ସ୍ତତୋ{ସୁରା ଅଜୟନ୍...।

ଦେବା ଅବୁବନ୍ନରାଜତୟା ବୈନୋଜୟନ୍ତି ରାଜନଂ

କରବାମହା ଇତି ତଥେତି'[ ଅତ୍ରେୟ ବ୍ରାହ୍ମଣ]

ଅର୍ଥ:- ଦେବ (ଏକ ଜାତି)ଓ ଅସୁର(ଅନ୍ୟ ଏକ ଜାତି) ମାନେ ଯୁଦ୍ଧ କରୁଥିଲେ... ଅସୁରମାନେ ଦେବମାନଙ୍କୁ ପରାସ୍ତ କଲେ...ଦେବମାନେ କହିଲେ, "ଆମର ରାଜା କେହି ନଥିବାରୁ ଅସୁରମାନେ ଆମକୁ ପରାସ୍ତ କଲେ। ଚାଲ, ଜଣେ ରାଜା ବାଛିବା।"

ବର୍ବରଯୁଗର ମଧ୍ୟମ ସୋପାନରେ ଜାତିର ଶାସନ ବ୍ୟବସ୍ଥାରେ ଏହିପରି ଦୁଇଟି ବିଭାଗ ଦେଖାଦେଲା-ପ୍ରତିନିଧି ସଭା ଓ ରାଜା।

# ସଭ୍ୟତାର ଆଗେ

କବି ରଘୁନାଥ ଦାସ

ପ୍ରଥମାବସ୍ଥାରେ ଜାତିର ଅନ୍ୟ ଯେ କୌଣସି ଲୋକଠାରୁ ରାଜାର ଅଧିକ କିଛି ଅଧିକାର ବା ସୁବିଧା ନଥିଲା। ପ୍ରଥମେ ହୁଏତ ଆବଶ୍ୟକ ବେଳେ ଜଣେ ରାଜା ନିର୍ବାଚନ କରାଯାଉଥିଲା; ପରେ ନିର୍ଦ୍ଦିଷ୍ଟ  କେତେକ ବର୍ଷ ଲାଗି ହେଲା। ଅଥର୍ବ ବେଦରେ ନିମ୍ନଲିଖିତ ଶ୍ଳୋକରୁ ପ୍ରଥମେ ରାଜପଦ ଯେ ନିର୍ବାଚନ ଯେ ନିର୍ବାଚନ ଉପରେ ନିର୍ଭର କରୁଥିଲା, ତାହା ସ୍ପଷ୍ଟ ହୁଏ।

ତ୍ବାବିଶୋ ବୃଣତି ରାଜ୍ୟାୟ

ତ୍ବମିମାଃ ପ୍ରଦିଶଃ ପଞ୍ଚଦେବୀ।

(ଅର୍ଥ:-ତୁମକୁ ଲୋକେ ନିର୍ବାଚନ କଲେ; ଚତୁର୍ଦ୍ଦିଗରେ ସମସ୍ତେ ତୁମକୁ ନିର୍ବାଚନ କଲେ।)

ଏ ସମୟରେ ଜଣେ ରାଜାଙ୍କୁ ତଡ଼ି ଅନ୍ୟ ରାଜା ସ୍ଥାପନ କରିବାର କ୍ଷମତା ଜାତିର ଥିଲା;ଏପରିକି ଅନ୍ୟ ପ୍ରଜାଙ୍କ ଭଳି ରାଜା ପ୍ରତି ଦଣ୍ଡବିଧାନ କରାଯିବା ସଭ୍ୟ ଯୁଗରେ ମଧ ପ୍ରଚଳିତ ଥିଲା।

କାର୍ଷାପଣଂ ଭବେଦ୍‌ଦଣ୍ଡ୍ୟୋ ଯତ୍ରାନ୍ୟ ପ୍ରାକୃତୋ ଜନଃ।

ତତ୍ର ରାଜା ଭବେଦ୍‌ବଣ୍ଡ୍ୟୋ ସହସ୍ରମିତି ଧାରଣା! (ମନୁ)

ଜୀବନଧରଣର  ଅବଲମ୍ବନ ଗୁଡ଼ିକ ଜାତି ବା ଗଣର ସମ୍ପତ୍ତି ଥିବା ପର୍ଯ୍ୟନ୍ତ ପ୍ରତିନିଧିତ୍ବ କରି, ଜାତି ବା ଗଣର କୌଣସି ପଦ ଅଧିକାର କରି କେହି ନିଜ ଲାଗି କୌଣସି ସୁବିଧା ହାସଲ କରିପାରୁନଥିଲା। ଏ ପଦ କେବଳ ଦାୟିତ୍ବ ସର୍ବସ୍ବ ଥିଲା; ତେଣୁ ନିଜ ପରିବାର ମଧ୍ୟରେ ଏ ପଦକୁ ଆବଦ୍ଧ ରଖିବାକୁ କାହାରି ବିଶେଷ ଆଗ୍ରହ ପ୍ରକାଶ ପାଇବା ସ୍ବାଭାବିକ ନୁହେଁ। କିନ୍ତୁ ଜମି ଆଦି ଜୀବନର ଉପଜୀବ୍ୟମାନ ବ୍ୟକ୍ତିଗତ ସମ୍ପତ୍ତିହେବା ପରଠାରୁ ସେ ଭୂମିକା ବଦଳିଗଲା। ବ୍ୟକ୍ତିଗତ ସମ୍ପତ୍ତିର ପରିମାଣ ଉପରେ ବ୍ୟକ୍ତି ବା ପରିବାରର ସୁଖସମୃଦ୍ଧି ନିର୍ଭର କଲା ଯାହା ଯୋଗୁଁ ମଣିଷ ମନରେ ସ୍ଥାନ ପାଇଲା ବ୍ୟକ୍ତିଗତ ସମ୍ପତ୍ତି ଲାଗି ଲିପ୍‌ସା, ବ୍ୟକ୍ତିଗତ ସମ୍ପତ୍ତିରେ ଅଧିକ ଅଧିକାର ଲାଭର ପ୍ରବୃତ୍ତି। ପ୍ରତିନିଧି ସଭା ଓ ରାଜା ଜାତୀୟଜୀବନ (ତା ସହିତ ସମ୍ପତ୍ତିରେ ବ୍ୟକ୍ତିର ଅଧିକାର) କୁ ନିୟନ୍ତ୍ରଣ କରୁଥିବା ହେତୁ ପ୍ରତିନିଧିତ୍ବ ବା ରାଜା ପଦ ଅଧିକାର କଲେ ବ୍ୟକ୍ତି ତହିଁରୁ ଫାଇଦା ଉଠାରବାରେ ସୁଯୋଗ ଓ ସୁବିଧା ପାଇବାର ସମ୍ଭାବନା ରହିଲା। ସମ୍ପତ୍ତିରେ ବ୍ୟକ୍ତିଗତ ଅଧିକାର ସହିତ ହ୍ରାସ ପ୍ରଥାର ପ୍ରତିଷ୍ଠା ଏ ସୁଯୋଗ ଓ ସୁବିଧାକୁ ଅଧିକ ସୁଗମ କରିଦେଲା।

## ଶାସନ

ଆଗେ ଜାତିର ଧର୍ମ ଜାତିର ଜନସାଧାରଣ ରକ୍ଷା କରୁଥିଲେ। ପ୍ରତିନିଧି ସଭାର ନିଷ୍ପତ୍ତିକୁ କାର୍ଯ୍ୟରେ ପରିଣତ କରିବା ଜାତିଯୁକ୍ତ ପ୍ରତ୍ୟେକ ଲୋକର କର୍ତ୍ତବ୍ୟ ଓ ଅଧିକାର ଥିଲା। ଦାସ ପ୍ରଥାର ପ୍ରଚଳନ ହେବାଠାରୁ ସମାଜ ଦୁଇଶ୍ରେଣୀରେ ବିଭକ୍ତ ହୋଇଗଲା। ଦାସମାନେ ଜାତିର ଅନ୍ତର୍ଭୁକ୍ତ ନୁହନ୍ତି। ଉତ୍ପାଦନର ଅବଲମ୍ବନ ଓ ଉତ୍ପନ୍ନ ଉପରେ ଜାତିର ପ୍ରଭୁତ୍ବ ରକ୍ଷା କରିବା ଲାଗି ଜାତିର ପ୍ରତିନିଧିସଭାକୁ ଯେଉଁସବୁ ନିଷ୍ପତ୍ତି ନେବାକୁ ପଡ଼େ, ସେଗୁଡ଼ିକୁ କାର୍ଯ୍ୟକାରୀ କରିବା ଲାଗି ଦାସମାନଙ୍କ ଉପରେ ବଳ ପ୍ରୟୋଗ କରିବା ଆବଶ୍ୟକ ପଡ଼ିଲା। ସମୁଦାୟ ସମାଜର

www.jataayu.org

# ସଭ୍ୟତାର ଆଗେ

କବି ରଘୁନାଥ ଦାସ

ବ୍ୟବସ୍ଥା ନାଁରେ ଚାଲିଥିବା ଏକ ଶ୍ରେଣୀର ସ୍ବାର୍ଥନ୍ବେଷୀ ନୀତି ଓ ନିୟମମାନ ସମାଜର ଅନ୍ୟଶ୍ରେଣୀ ପ୍ରତି କ୍ଲେଶକର ହେଉଥିଲା। ଦାସମାନେ ଏ ବ୍ୟବସ୍ଥାକୁ ଲଙ୍ଘନ କରି ଶୃଙ୍ଖଳମୁକ୍ତ ହେବାକୁ ସର୍ବଦା ଚେଷ୍ଟା କରୁଥିଲେ। ସେମାନେ ଯେପରି ଏ ବ୍ୟବସ୍ଥାଗୁଡ଼ିକ ମାନି ଚଳନ୍ତି ସେଥିଲାଗି ଶାସ୍ତିର ବ୍ୟବସ୍ଥା କରାଗଲା। ଏହିଠାରୁ ସମାଜରେ ଉଦ୍ଭବ ହେଲା ଶାସନ ବୋଲି ନୂଆ ଏକ ଅନୁଷ୍ଠାନ । ସମାଜରେ ଏଥିପୂର୍ବେ ପ୍ରଚଳିତ ସମସ୍ତ ବ୍ୟବସ୍ଥାଠାରୁ ଏହା ଭିନ୍ନ ଧରଣର, ନିଆରା ପ୍ରକାରର। ଏହା ପଛରେ ସମାଜର ସବୁ ଶ୍ରେଣୀର ଅନୁମୋଦନ ନାହିଁ। ଦାସମାନଙ୍କ ଦୃଷ୍ଟିରେ ଏହା ହିଂସାର ଅବତାର। ନ୍ୟସ୍ତସ୍ବାର୍ଥ ଶ୍ରେଣୀର ସ୍ବାର୍ଥରକ୍ଷା ଲାଗି ବଞ୍ଚିତ ଶ୍ରେଣୀ ଉପରେ ବଳ ପ୍ରୟୋଗ ଦ୍ବାରା ଚଳିତ ଅର୍ଥନୈତିକ ଓ ସାମାଜିକ ବ୍ୟବସ୍ଥାକୁ ସୁଦୃଢ଼ କରିବା ହେଲା ଏହାର କାର୍ଯ୍ୟ।

ଅବିରତ ଦ୍ବନ୍ଦ ଉପରେ ପ୍ରତିଷ୍ଠିତ ଏହି ଅର୍ଥନୈତିକ ଓ ସାମାଜିକ ବ୍ୟବସ୍ଥାକୁ ଚାଲୁ ରଖିବା ଲାଗି ରାଜା ସାଙ୍ଗକୁ କେତେ କଟୁଆଳ ବି ଦରକାର ପଡ଼ିଲେ। ଶାସନ ବ୍ୟବସ୍ଥାକୁ ଚାଲୁ ରଖିବା ଲାଗି ରାଜା ସାଙ୍ଗକୁ କେତେ କଟୁଆଳ ବି ଦରକାର ପଡ଼ିଲେ। ଶାସନ ବ୍ୟବସ୍ଥାର ଏମାନେ ହେଲେ କାର୍ଯ୍ୟକାରୀ ଅଙ୍ଗ। ଜାତିର ଧର୍ମରକ୍ଷା କରିବା, ପ୍ରତିନିଧି ସଭାର ନିଷ୍ପତ୍ତିକୁ କାର୍ଯ୍ୟକାରୀ କରିବା , ଶାସନକୁ ସୁଶୃଙ୍ଖଳ ରଖିବା ହେଲା ରାଜା ଓ ଜଗୁଆଳମାନଙ୍କର କର୍ତ୍ତବ୍ୟ। କର୍ତ୍ତବ୍ୟରୁ କ୍ରମେ ଏହା ସେମାନଙ୍କର ଏକାଏକ ଅଧିକାରରେ ପରିଣତ ହେବା ସ୍ବାଭାବିକ କଥା। ଏହାଫଳରେ ସମାଜରେ ନୂଆ ଏକ ଅନୁଷ୍ଠାନ-ଶାସନକଳ-ପ୍ରତିଷ୍ଠା ଲାଭ କଲା। ଏ ଶାସନକଳ ଚଳାଇବା ଅଳ୍ପ କେତେକ ଲୋକଙ୍କ ଉପରେ ନ୍ୟସ୍ତ। ଏ ପର୍ଯ୍ୟନ୍ତ ଚଳି ଆସିଥିବା ସମାଜ ବ୍ୟବସ୍ଥାଠାରୁ ଏହା କେବଳ ଆକାରରେ ନୁହେଁ, ପ୍ରକାରରେ ମଧ ଭିନ୍ନ। କାରଣ ଏ ପର୍ଯ୍ୟନ୍ତ ଜାତିର ଧର୍ମ ଓ ନିଷ୍ପତ୍ତି ସମୁଦାୟ ଜାତିର ସ୍ବାର୍ଥରକ୍ଷା ଲାଗି ହେଉଥିଲା, ସର୍ବସମ୍ମତିକ୍ରମେ ଚାଲିଥିଲା, ସର୍ବଜନ ସମାଦୃତ ଥିଲା। ତାହା ପାଳନ କରିବା ସମସ୍ତଙ୍କର କର୍ତ୍ତବ୍ୟ। ତହିଁରେ ଲାଗି ନେବା ଲାଗି ସମାଜର ପ୍ରତ୍ୟେକ ଅଧିକାରୀ। ଏବେ ଶାସକ ଗୋଷ୍ଠୀ ଉପରେ ରହିଲା ଦାୟିତ୍ବ ସେମାନେ ଦୂର ବିରୋଧସ୍ବାର୍ଥ ଶ୍ରେଣୀ ମଧ୍ୟରେ ଶୃଙ୍ଖଳା ରକ୍ଷା କରିବେ।

## ରାଷ୍ଟ୍ରଶକ୍ତି

ଏ ବ୍ୟବସ୍ଥା ବଳ ପ୍ରୟୋଗ ବା ହିଂସା ଉପରେ ଗଢ଼ା ହେଲା। ଏହି ଶାସକ ଗୋଷ୍ଠୀ ଜାତିର ଜନସାଧାରଣ ବା ପ୍ରତିନିଧି ସଭାଦ୍ବାରା ନିର୍ବାଚିତ ହେଉଥିଲେ ସତ। କିନ୍ତୁ ସମାଜର ଦ୍ବନ୍ଦମାନ ଦୁଇ ଶ୍ରେଣୀ ମଧ୍ୟରେ ଶୃଙ୍ଖଳା ରକ୍ଷା କରିବାକୁ ଯାଇ ଏହା ଉଭୟ ଶ୍ରେଣୀ ମଧ୍ୟରେ ବିବାଦମାନଙ୍କର ବିଚାରକ ହେଲା; କୌଣସି ଲୋକ, କି ଦାସ, କି ପ୍ରଭୁ, ଯେପରି ସମାଜର ଧର୍ମ ବା ନିଷ୍ପତ୍ତିକୁ ଅବମାନନା ନ କରେ, ଶାସକଗୋଷ୍ଠୀ ତାର ମୀମାଂସା କଲା; ଯେ ନିୟମ ଲଙ୍ଘନ କଲା ତାକୁ ଶାସ୍ତି ଦେଲେ। ଫଳରେ ଦୁଇ ଶ୍ରେଣୀ ଅର୍ଥାତ୍ ସମାଜର ଉର୍ଦ୍ଧ୍ବରେ ହେଲା ଶାସନ ସଂସ୍ଥାର ଆସନ, ସାମଜରୁ ଉଦ୍ଭବ ହୋଇଥିଲେ ହେଁ, ସମାଜର ଏକ ଶ୍ରେଣୀର ସ୍ବାର୍ଥରକ୍ଷା କରୁଥିଲେ ହେଁ ସମାଜ ବା ଶ୍ରେଣୀଠାରୁ ଏହାର ସ୍ବାତନ୍ତ୍ର୍ୟ ପ୍ରକାଶ ପାଇଲା। ସମାଜର ଅଭିନବ ଏହି ଶାସନ ସଂସ୍ଥା ପରିଚିତ ହେଲା 'ରାଷ୍ଟ୍ରଶକ୍ତି'ନାମରେ । ବଳ ପ୍ରୟୋଗ, ଏକ ଶ୍ରେଣୀର ସ୍ବାର୍ଥରକ୍ଷା କରିବା ଏବଂ ଉଭୟ ଶ୍ରେଣୀଠାରୁ ସ୍ବାତନ୍ତ୍ର୍ୟ ଏହାର ଗୁଣ। ଏ ଶକ୍ତି ଯେଉଁ ଅଞ୍ଚଳ ଉପରେ କ୍ଷମତା ବିସ୍ତାର କରିପାରୁଥିଲା, ତାହାହେଲା ରାଷ୍ଟ୍ର ବା ରାଜ୍ୟ। କୃଷି ଓ ପଶୁପାଳନ ଉତ୍ପାଦନର ଅବଲମ୍ବନ ହେବା ସହିତ ମଣିଷ ସ୍ଥାୟୀ ବାସସ୍ଥଳୀ ଆଶ୍ରୟ କରିଛି। ତେଣୁ ଏବେ ରାଷ୍ଟ୍ରର ସୀମା ନିର୍ଦ୍ଦିଷ୍ଟ ହେଲା। ରାଷ୍ଟ୍ରର ପରିଚାଳନା ଲାଗି ଦଳେ ଲୋକ ଯେତେବେଳେ ଖାସ  ନିଯୁକ୍ତ ରହିଲେ, ସେମାନଙ୍କର ପ୍ରତିପୋଷଣ ଲାଗି ରାଷ୍ଟ୍ରର ପାଣି ଆବଶ୍ୟକ ହେଲା। ସେହିପରି ଯେତେବେଳେ ସ୍ଥାୟୀ ସେନାବାହିନୀ ରଖିବା ଦରକାର ପଡ଼ିଲା, ରାଷ୍ଟ୍ରକୁ ତାହାର ଖର୍ଚ୍ଚ ତୁଲାଇବାକୁ ପଡ଼ିଲା। ରାଷ୍ଟ୍ରର ପରିଚାଳନା ଲାଗି ଆବଶ୍ୟକୀୟ ଅର୍ଥ ରାଷ୍ଟ୍ରର ଜନସାଧାରଣଙ୍କଠାରୁ ସଂଗ୍ରହ କରାଗଲା। ଏହା ହେଲା ରାଜସ୍ବ।

Powered by Tekons

www.jatayu.org

# ସଭ୍ୟତାର ଆଗେ

କବି ରଘୁନାଥ ଦାସ

ପ୍ରଥମାବସ୍ଥାରେ ସାମୟିକ ଆବଶ୍ୟକ ଅନୁଯାୟୀ ଏହା ସଂଗ୍ରହ କରାଯାଉଥିଲା; ପରେ ଏହା ଧାରାବାହିକ ଭାବେ ପ୍ରତିବର୍ଷ ସଂଗୃହୀତ ହେଲା। ଉତ୍ପନ୍ନରୁ କିଛି ଅଂଶ ରାଜସ୍ବ ହିସାବରେ ପ୍ରତ୍ୟେକ ପରିବାରକୁ ଦେବାକୁ ପଡ଼େ। ମୁଦ୍ରାର ପ୍ରଚଳନ ପରେ ଉତ୍ପନ୍ନ ପରିବର୍ତ୍ତରେ ସେହି ମୂଲ୍ୟର ମୁଦ୍ରା ଟିକସ ରୂପେ ରାଷ୍ଟ୍ର କରିବା ଅଧିକ ସୁବିଧାଜନକ ହେଲା; ମୁଦ୍ରାରେ ରାଜସ୍ବ ସଂଗ୍ରହ ହେବାର ବ୍ୟବସ୍ଥା କରାଗଲା।

## ଶାସକ ପଦ

ପ୍ରତିନିଧି ସଭାର ପ୍ରତିନିଧିମାନଙ୍କୁ ଗଣ ନିର୍ବାଚିତ କରୁଥିଲା। ଜାତିର କର୍ମଚାରୀମାନଙ୍କୁ ସମୁଦାୟ ଜାତିର ଜନସାଧାରଣ ନିର୍ବାଚନ କରେ। ପରେ ଏମାନଙ୍କର ନିର୍ବାଚନ କରେ। ପରେ ଏମାନଙ୍କର ନିର୍ବାଚନ ପ୍ରତିନିଧିସଭା ଦ୍ବାରା ହେଲା। ନିର୍ବାଚନ ସହିତ ନିର୍ବାଚିତ ବ୍ୟକ୍ତିଙ୍କୁ ପଦଚ୍ୟୁତ କରିବାର ଅଧିକାର ମଧ୍ୟ ନିର୍ବାଚକମାନଙ୍କର ଥିଲା। ନିର୍ବାଚନ କେତେକ ନିର୍ଦ୍ଦିଷ୍ଟ ବର୍ଷ ଲାଗି ହେଉଥିଲା, କିନ୍ତୁ ଜନସାଧାରଣ ନିଜ ନିଜ ଧନ୍ଦାରେ ବ୍ୟସ୍ତ ରହିବାରୁ କିଛିକାଳ ପରେ ପଦଗୁଡ଼ିକ ଆଜୀବନ ଭୋଗ୍ୟ ହୋଇଗଲା। ନିର୍ବାଚନ ଓ ପଦଚ୍ୟୁତିର ଅଧିକାର ଦ୍ବାରା ଜାତିର ଜନସାଧାରଣ ରାଷ୍ଟ୍ରଶକ୍ତି ଉପରେ ନିଜର କର୍ତ୍ତୃତ୍ବ ରଖିପାରୁଥିଲେ। ରାଷ୍ଟ୍ରଶକ୍ତି ଦୁଇ କିସମର ଲୋକଙ୍କ ଦ୍ବାରା ଗଠିତ ହେଲା:- କେତେକ ରାଷ୍ଟ୍ରର ନୀତିନିୟାମକ ବା ବ୍ୟବସ୍ଥାପକ ଓ କେତେକ କର୍ମକର୍ତ୍ତା। ପ୍ରତିନିଧି ସଭା ଯେଉଁମାନେ ଗଠନ କରୁଥିଲେ  ଜାତି ଓ ତହିଁର ଧର୍ମ ବିଷୟରେ ସେମାନଙ୍କର ଜ୍ଞାନ ଥିବା ଆବଶ୍ୟକ । ଯୁଦ୍ଧବିଦ୍ୟା, ଶାସନବିଧାନ ଆଦିରେ ପାରଗତା। କର୍ମକର୍ତ୍ତା ହେବାଲାଗି ଯୋଗ୍ୟତା। ଜନସାଧାରଣ ଉତ୍ପାଦନ କାର୍ଯ୍ୟରେ ବ୍ୟସ୍ତରହି ଜାତିର ଧର୍ମ ଓ ପୂଜା-ପଦ୍ଧତି, ଶାସନର ନୀତି ନିୟମ ବା ଯୁଦ୍ଧବିଦ୍ୟା ଶିକ୍ଷା କରିବାକୁ ଫୁରସତ୍ ପାଉନଥିଲେ। ପ୍ରତିନିଧିର ପରିବାରର ଲୋକେ ପ୍ରତିନିଧିତ୍ବ,ପୂଜାପଦ୍ଧତି ବିଷୟରେ ଓ ରାଜା ପରିବାରର ନିକଟ ସମ୍ପର୍କୀୟମାନେ ରାଜକାର୍ଯ୍ୟରେ ଅନ୍ୟମାନଙ୍କଠାରୁ ଅଧିକ ଜ୍ଞାନାର୍ଜନ କରିବାକୁ ସୁଯୋଗ ସୁବିଧା ପାଉଥିଲେ। ଫଳରେ ନିର୍ବାଚନରେ ରାଜାର ପୁଅ ରାଜା ହେବାଲାଗି, ପ୍ରତିନିଧିର ନିକଟ ସମ୍ପର୍କୀୟ ପ୍ରତିନିଧି ହେବା ଲାଗି ଯୋଗ୍ୟତର ବିବେଚିତ ହେଲା। ଆଇନ ପ୍ରଣୟନ ଲାଗି, ଧର୍ମ ଓ ପ୍ରଥାର ଅର୍ଥ ନିର୍ଦ୍ଧାରଣ ଲାଗି ଓ ବଳପ୍ରୟୋଗ ଲାଗି ଶାସକ ଗୋଷ୍ଠୀ ହାତରେ ଯେଉଁ କ୍ଷମତା ଦିଆଗଲା, କାଳକ୍ରମେ ତାହା ବ୍ୟକ୍ତି ଓ ବ୍ୟକ୍ତି ମଧ୍ୟରେ ଏବଂ ବ୍ୟକ୍ତିର ସଂପତ୍ତି ଉପରେ ଅଧିକାରକୁ ମଧ୍ୟ ନିୟନ୍ତ୍ରଣ କଲା । ଏହି ରାଷ୍ଟ୍ରଶକ୍ତିକୁ ଯେଉଁମାନେ ପରିଚାଳିତ କଲେ, ବ୍ୟକ୍ତିଗତ ସମ୍ପତ୍ତିରେ ସେମାନେ ଅଧିକ ଅଧିକାର ଲାଗି ବନ୍ଦୋବସ୍ତ କରିପାରିଲେ, ଜାତିର ସ୍ବାର୍ଥକୁ କ୍ଷୁର୍ଣ୍ଣ କରି ନିଜ ଲାଗି ସୁବିଧା ହାସଲ କରିପାରିଲେ। ରାଷ୍ଟ୍ରୀୟପଦ ପରିବାରର ସ୍ବାର୍ଥରକ୍ଷା ଲାଗି ହତିଆର ହେଲା। ଶାସନ ସଂସ୍ଥାରେ ଜନସାଧାରଣ ସକ୍ରିୟ ଭାଗ ନେବାକୁ ଅସମର୍ଥ ଥିବାର ସୁଯୋଗ ନେଇ ଶାସକ ଗୋଷ୍ଠୀ ନିଜ ନିଜ ପରିବାର ମଧ୍ୟରେ ରାଷ୍ଟ୍ରୀୟ ପଦକୁ ଏକଚାଟିଆ କରିବାକୁ ଚେଷ୍ଟାକଲେ। କାଳକ୍ରମେ ତାହାହିଁ ହେଲା। ଜାତିର ନିର୍ଦ୍ଦିଷ୍ଟ ପରିବାରର ବ୍ୟକ୍ତିହିଁ କେବଳ ରାଷ୍ଟ୍ରୀୟ ପଦପାଇଁ ଯୋଗ୍ୟ ବୋଲି ପ୍ରଥା ସମାଜରେ ଦେଖାଦେଲା।

ଶାସକଗୋଷ୍ଠୀଙ୍କ ପରିବାର ଜାତିର ଅନ୍ୟ ପରିବାରଗୁଡ଼ିକଠାରୁ ସ୍ବତନ୍ତ୍ର ହେଲା ଏମାନେ ହେଲେ ଜାତିର ସମ୍ଭ୍ରାନ୍ତ ପରିବାର। ଜାତିର ଅନ୍ୟମାନେ ଶାସକ ହେବାରୁ ବଞ୍ଚିତ ହେଲେ। ଆର୍ଯ୍ୟ ସମାଜରେ ଏହିପରି ଏକ ଦିଗରେ ବ୍ରାହ୍ମଣ ଓ କ୍ଷତ୍ରୀୟ ପରିବାରବର୍ଗ ଓ ଅନ୍ୟ ଦିଗରେ ବୈଶ୍ୟ ପରିବାରବର୍ଗ ଦେଖାଦେଇଥିଲେ। ରାଷ୍ଟ୍ରଶକ୍ତିର ନାୟକ ହେଲେ ବ୍ରାହ୍ମଣ ଓ କ୍ଷତ୍ରୀୟମାନେ। ଗ୍ରୀକ୍ ସମାଜରେ ସେହିପରି ଜାତି ସମ୍ଭ୍ରାନ୍ତ ପରିବାର (Class) ଓ ଜନସାଧାରଣ (Mass)ରେ ବିଭକ୍ତ ହୋଇଯାଇଥିଲା, ଶାସନ କରିବାର ଅଧିକାର ଥିଲା ସମ୍ଭ୍ରାନ୍ତ ପରିବାରବର୍ଗଙ୍କର। ଫଳରେ ସମାଜରେ ଦେଖାଗଲା ସମ୍ଭ୍ରାନ୍ତ ପରିବାରଙ୍କର ଏକଚାଟିଆ ଶାସନ ସଂସ୍ଥା (Oligarchy) ରୋମୀୟ ସମାଜରେ ସେହିପରି ପାଟ୍ରିସିଆନ ଓ ପପୁଲସ୍ ଦୁଇ ଶ୍ରେଣୀ ଦେଖାଦେଇଥିଲା।

# ସଭ୍ୟତାର ଆଗେ

କବି ରଘୁନାଥ ଦାସ

## ଜନସାଧାରଣ

ରାଷ୍ଟ୍ରଶକ୍ତି ମୁଷ୍ଟିମେୟ ଶାସକ ଗୋଷ୍ଠୀଦ୍ବାରା କରଗତ ହେବା ଫଳରେ ସେମାନେ ଜାତିର ଜନସାଧାରଣଙ୍କର ବ୍ୟକ୍ତିଗତ ସମ୍ପତ୍ତି ଉପରେ ଅଧିକାର କ୍ଷୁର୍ଣ୍ଣକରି ଆପେ ଅଧିକର ଅଧିକ ବ୍ୟକ୍ତିଗତ ସମ୍ପତ୍ତି ଓ ସୁବିଧା ହାସଲ କରିବାକୁ ଲାଗିଲେ, ନିଜର ସ୍ବାର୍ଥସିଦ୍ଧି ଲାଗି ଜାତିର ନିର୍ଦ୍ଧାରଣମାନ କଲେ। ଉତ୍ପାଦନ ଯେବେ କଠିନ ଶ୍ରମସାଧ ଥିଲା, ଶାସନ ସଂସ୍ଥା ସଜାଡ଼ିବା ଜନସାଧାରଣଙ୍କ ପକ୍ଷରେ ସମ୍ଭବପର ନଥିଲା, କିନ୍ତୁ ଯେତେବେଳେ ଉତ୍ପାଦନ ପ୍ରଣାଳୀରେ ଉନ୍ନତି ଦେଖାଦେଲା, ବିଶେଷତଃ ଯେତେବେଳେ ଦାସମାନଙ୍କ ଜରିଆରେ ପ୍ରଭୁମାନେ ଚାଷ ଆଦିରେ କଠିନ କାମତକ ତୁଳାଇପାରିଲେ, ଶାସକ ଗୋଷ୍ଠୀର ମନମୁଖୀ ଓ କ୍ଲେଶକର ଶାସନ ବିରୁଦ୍ଧରେ ଜନମତ ପ୍ରକାଶ ପାଇଲା, ଜାତିର ଜନସାଧାରଣ ଶାସନସଂସ୍ଥା ଉପରେ ସେମାନଙ୍କର କର୍ତ୍ତୃତ୍ବ ଲାଗି ଦାବି କଲେ।

ଜନସାଧାରଣଙ୍କ ଦାବି ସଫଳ ହେଲା ଜନଦରବାର (Assembly of the People)ର ପ୍ରତିଷ୍ଠାରେ, ଏହାର ଶାସନ ବ୍ୟବସ୍ଥାର ପ୍ରଧାନ ଅଙ୍ଗ ହୋଇଉଠିଲା। ଜାତିର ପ୍ରତ୍ୟେକ ସାବାଳକ ଏଥିରେ ଯୋଗ ଦେଇପାରୁଥିଲେ, ଭାଗ ନେଉଥିଲେ ଓ ସେମାନଙ୍କର ଭୋଟରେ ଯେଉଁ ପ୍ରସ୍ତାବ ଗୃହୀତ ହେଉଥିଲା, ତାହା ଜାତିର ଆଇନ ହେଉଥିଲା। ପ୍ରତିନିଧି ସଭା ପ୍ରସ୍ତାବ ଚିଠା କରେ, ଜନଦରବାରରେ ତାହା ଆଲୋଚିତ ହେଲା ପରେ ଗୃହୀତ ହୁଏ।

ଜନ-ଦରବାର ଜାତିର ପ୍ରଧାନ ବ୍ୟବସ୍ଥାପକ ହେଲା। ଜାତିର କର୍ମକର୍ତ୍ତାଙ୍କର ନିର୍ବାଚନ ମଧ୍ୟ ଏହି ଜନସଦରବାରରେ ହୁଏ ସଂଭ୍ରାନ୍ତ ପରିବାରରୁ ପ୍ରଧାନ କର୍ମକର୍ତ୍ତାମାନେ ନିର୍ବାଚିତ ହେବାର ପ୍ରଥା ଜାତିରେ ଚଳି ଆସୁଥିବାରୁ ଏ ନିର୍ବାଚନରେ କେବଳ ସେହି ସେହି ପରିବାରର ବ୍ୟକ୍ତିମାନେ ନିର୍ବାଚିତ ହେଉଥିଲେ ସତ କିନ୍ତୁ ଜନ ଦରବାରରେ ଭୋଟ୍ ଉପରେ ସେମାନଙ୍କର ପଦ ନିର୍ଭର କରୁଥିବା ହେତୁ ଲୋକେ କର୍ମକର୍ତ୍ତାଙ୍କ ଉପରେ ସେମାନଙ୍କର କର୍ତ୍ତୃତ୍ବ ରଖି ପାରୁଥିଲେ। ଜନ ଦରବାର ରାଷ୍ଟ୍ରଶକ୍ତିର ଚରମ ଶକ୍ତି ଥିଲା। ସେହି ହିସାବରେ ଗୁରୁତର ଦଣ୍ଡ ବିରୁଦ୍ଧରେ ଜନ ଦରବାରରେ ଶେଷ ଫଏସଲା ଲାଗି ଅପିଲ ମଧ୍ୟ ହେଉଥିଲା। ବର୍ବର ଯୁଗର ଉତ୍ତମ ସୋପାନର ଶେଷଭାଗକୁ ପ୍ରାୟ ସବୁ ଜାତିର ଶାସନସଂସ୍ଥାରେ ଏ ପ୍ରକାର ଅନୁଷ୍ଠାନ ଗଢ଼ିଉଠିଥିଲା। ଶାସନ ସଂସ୍ଥାରେ ଏବେ ତିନୋଟି ବିଭାଗ:-ପ୍ରତିନିଧି ସଭା, ରାଜା ଓ କର୍ମକର୍ତ୍ତାମଣ୍ଡଳୀ ଓ ଜନଦରବାର।

ଜାତିର ଏହି ଶାସନସଂସ୍ଥା ଦେଶରୁ ସବୁ ଅଧିବାସୀଙ୍କୁ ନେଇ ଗଢ଼ା ହେଉନଥିଲା। ନାରୀମାନେ ଏତେବେଳକୁ ସେମାନଙ୍କର ନାଗରିକ ଅଧିକାର ହରାଇସାରିଲେଣି। ସେମାନେ ଶାସନବ୍ୟବସ୍ଥାରେ ଆଉ କୌଣସି ଅଂଶ ଗ୍ରହଣ କରିପାରୁନାହାନ୍ତି। ଦାସମାନେ ତ ପ୍ରଭୁମାନଙ୍କର ବ୍ୟକ୍ତିଗତ ସମ୍ପତ୍ତି ତଳେ ଗଣା; ସେମାନଙ୍କର କୌଣସି ନାଗରିକ ଅଧିକାର ନଥିଲା । ଏ ଶାସନ ସଂସ୍ଥା ଜାତିର କେବଳ ରକ୍ତ ସମ୍ପର୍କୀୟଙ୍କୁ ନେଇ ଗଢ଼ା ହୋଇଥିଲା। ସଂପ୍ରଦାୟ ଓ ଗଣର ଶାସନବ୍ୟବସ୍ଥା ଜାତିର ଶାସନ ବ୍ୟବସ୍ଥାର ଅନୁରୂପ ଥିଲା।

ବ୍ୟକ୍ତିଗତ ସମ୍ପତ୍ତି ବୃଦ୍ଧି ପାଇବା ସହିତ, ବିଶେଷତଃ ସମାଜରେ ପଣ୍ୟର ପ୍ରଚଳନ ପରେ ଗଣ, ସଂପ୍ରଦାୟ ବା ଜାତିର ସଂଘବଦ୍ଧ ଜୀବନ ସମ୍ଭବ ହେଲାନାହିଁ। ବାଣିଜ୍ୟ ବ୍ୟବସାୟ ନେଇ ଭିନ୍ନ ଗଣର ଲୋକେ ଅନ୍ୟ ଗଣର ବସତିରେ ବସବାସ କରିଗଲେ, ଏକ ସଂପ୍ରଦାୟର ଲୋକେ ଅନ୍ୟ ସଂପ୍ରଦାୟ ସହିତ ମିଶି ବସବାସ କଲେ।ଏପରିକି ଅନ୍ୟ ଜାତିର ଲୋକ ଆସି ଜାତିର ଅଧିକୃତ ଅଞ୍ଚଳର ସ୍ଥାୟୀ ବାସିନ୍ଦା ହୋଇଗଲେ। ଗଣ ଓ ଗଣୋତ୍ତର,ଜାତି ଓ ଅଣଜାତିଆ ଲୋକଙ୍କୁ ନେଇ ସମାଜର ଅର୍ଥନୈତିକ ଜୀବନ ଗଢ଼ିଉଠିଲା। ଏହି ବିଦେଶୀ ଲୋକେ

www.jatayu.org

# ସଭ୍ୟତାର ଆଗେ

*କବି ରଘୁନାଥ ଦାସ*

ମୁକ୍ତ ଥିଲେ ହେଁ, ସାମାଜିକ ଅନୁଷ୍ଠାନ, ପର୍ବପର୍ବାଣି ବା ମନ୍ଦିର ଉପାସନା ଆଦିରେ ସେମାନଙ୍କର ସ୍ଥାନ ନଥିଲା, ଶାସନବ୍ୟବସ୍ଥାରେ ସେମାନଙ୍କର କୌଣସି କର୍ତ୍ତୃତ୍ବ ନଥିଲା। ଧର୍ମଭିତ୍ତିରେ ଗଢ଼ା ଶାସନ ସଂସ୍ଥାରେ ଭିନ୍ନ ଧର୍ମର ଲୋକେ ଭାଗ ନେବା ସମ୍ଭବପର ନୁହେଁ। ଶାସନ କଳରୁ ବଞ୍ଚିତ ହେବା ଫଳରେ ଏହି ଅଣଜାତିଆ ଜନସାଧାରଣଙ୍କର ବ୍ୟକ୍ତିଗତ ସମ୍ପତ୍ତି ଉପରେ ଅଧିକାର ଓ ନାଗରିକ ଅଧିକାରକୁ ରକ୍ଷା କରିବା ବଡ଼ କଠିନ ବ୍ୟାପାର ଥିଲା।  ଫଳରେ ଏହି ମୁକ୍ତ ଅଣଜାତିଆ ଜନସାଧାରଣ ଦେଶର ଶାସନ ସଂସ୍ଥାରେ ଭାଗୀଦାର ହେବାଲାଗି ସଂଗ୍ରାମ ଚଳାଇଲେ।

ପଣ୍ୟର ଅଧିକ ପ୍ରଚଳନ ହେବା ସହିତ ଜୀବନଧାରଣ ଲାଗି ବିଦେଶରୁ ଯେପରି ଅଧିକରୁ ଅଧିକ ଲୋକ ଆସି ଅନ୍ୟ ଦେଶର ସ୍ଥାୟୀ ବାସିନ୍ଦା ହୋଇଗଲେ, ଜାତି ଛାଡ଼ି ସେହିପରି କେତେକ ଲୋକ ଅନ୍ୟ ଦେଶକୁ ଚାଲିଗଲେ। ଦେଶର ଅଧିବାସୀଙ୍କ ମଧ୍ୟରେ ଅଣଜାତିଆମାନଙ୍କ ସଂଖ୍ୟା ବୃଦ୍ଧି ପାଇଲା। ଜାତି ଓ ଅଣଜାତିର ଲୋକଙ୍କ ଅର୍ଥନୈତିକ ଜୀବନରେ ମିଶ୍ରଣ ଫଳରେ ଉଭୟଙ୍କୁ ନେଇ ବୃଦ୍ଧି ଭିତ୍ତିରେ କେତେଗୁଡ଼ିଏ ଅନୁଷ୍ଠାନ ଗଢ଼ିଉଠିଲା। ବ୍ୟବସାୟ ସୂତ୍ରରେ ସଂଗଠନମାନଙ୍କ ଜରିଆରେ ଉଭୟଙ୍କ ମଧ୍ୟରେ ସାମାଜିକ ବନ୍ଧନ ଦୃଢ଼ ହେବାକୁ ଲାଗିଲା। ତିନି ବର୍ଣ୍ଣକୁ ନେଇ ଗଢ଼ା ହୋଇଥିବା ସମାଜ ସଂସ୍ଥାରେ ଏବେ ଚତୁର୍ଥ ବର୍ଣ୍ଣ ଶୂଦ୍ରମାନେ ମଧ୍ୟ ସ୍ଥାନ ପାଇଲେ। ଦେଶର ଅର୍ଥନୈତିକ ଓ ସାମାଜିକ ଜୀବନ ସହିତ ଓତପ୍ରୋତ ଭାବରେ ଜଡ଼ିତ ଏତେ ଅଧିବାସୀଙ୍କ ଦାବିକୁ ଏଡ଼ି ଦେଇ ଦେଶର ଆର୍ଥିକ ବ୍ୟବସ୍ଥାକୁ ବଞ୍ଚାଇ ରଖିବା ବା ଶାସନ ଚଳାଇବା ଅସମ୍ଭବ ହୋଇପଡ଼ିଲା। ଶାସନ ବ୍ୟବସ୍ଥାକୁ  ନୂଆ ଛାଞ୍ଚରେ ନ ପକାଇଲେ ସମାଜର ସ୍ଥିତି ବିପନ୍ନ ହେଲା। ସମାଜରେ ଦେଖାଦେଲା ନୂଆ ପ୍ରକାରର ଶାସନ ସଂସ୍ଥା-ଦେଶର ଅଧିବାସୀମାନଙ୍କୁ ନେଇ ରକ୍ତସମ୍ପର୍କୀୟ ନେଇ ଗଢ଼ା ହୋଇଥିବା (Communal) ଶାସନ ବ୍ୟବସ୍ଥା ହାତରୁ କ୍ରମଶଃ ଦେଶର ଶାସନକ୍ଷମତା ଆସିଲା ଅଧିବାସୀ(Citizenship) ଭିତ୍ତିରେ ଗଢ଼ା ହୋଇଥିବା ଶାସନ ବ୍ୟବସ୍ଥା ହାତକୁ । ନାଗରିକ ହେବାର ଯୋଗ୍ୟତା ଏବେ ଧର୍ମ ବା ରକ୍ତ ସଂପର୍କ ନୁହେଁ। ଏବେ ପ୍ରତ୍ୟେକ ମୁକ୍ତ ସ୍ଥାୟୀ-ଅଧିବାସୀ ଦେଶର ନାଗରିକ, ଦେଶର ଶାସନ ସଂସ୍ଥାରେ ଭାଗ ନେବାକୁ ଯୋଗ୍ୟ।

ସମାଜରେ ଚଳିଆସୁଥିବା ଜାତି ଓ ଅଣଜାତି ଓ ଶ୍ରେଣୀବିଭାଗ ହୋଇ ଉଭୟମିଳି ଜନସାଧାରଣରେ ପରିଣତ ହେଲେ। ଦେଶର ଜନସାଧାରଣଙ୍କୁ  ନେଇ ଗଢ଼ିଉଠିଲା ନୂଆ ପ୍ରକାରର ଜାତି(Nation) ଆଦିମ ଜାତିଠାରୁ ଏହା ପୃଥକ୍ କାରଣ ଆଦିମ ଜାତି ରକ୍ତସଂପର୍କ ଓ ଧର୍ମଦ୍ବାରା ଗଢ଼ା ହୋଇଥିଲା, ଏହାର ଗଠନ ହେଲା ସମାଜ ବାସସ୍ଥଳୀ ଓ ସଂସ୍କୃତି(ଭାଷା, ଇତିହାସ,ଜୀବନ ପଦ୍ଧତି ଆଦି) ନେଇ ଜାତିଆଣ ଶାସନସଂସ୍ଥା ଯେତେବେଳେ ସମାଜକୁ ଆଗେଇ ନେବାକୁ ଅସମର୍ଥ ହେଲା, ସମାଜରେ ଦେଖାଦେଇଥିଲା ଏହି ପ୍ରକାରର ବୈପ୍ଳବିକ ପରିବର୍ତ୍ତନ , ନୂଆ ରୀତିରେ ଶାସନ ସଂସ୍ଥା ପ୍ରତିଷ୍ଠା। ଏହିଠାରୁ ରାଜନୀତି ହିଁ ଶାସନ ସଂସ୍ଥାର ଭିତ୍ତି ହେଲା।

ରାଜନୈତିକ ଭିତ୍ତିରେ ଗଠିତ ଶାସନସଂସ୍ଥା ଧର୍ମ ଭିତ୍ତିରେ ଗଠିତ ସଂସ୍ଥା ଭଳି ତିନୋଟି ବିଭାଗରେ ବିଭକ୍ତ ଥିଲା, ଜନଦରବାର, ପ୍ରତିନିଧି ସଭା ଓ କର୍ମକର୍ତ୍ତା। ଏବେ ପ୍ରଥା ବା ଧର୍ମ ରାଜ୍ୟର ଆଇନ ହୋଇନପାରେ । ଜନଦରବାରର ନିଷ୍ପତ୍ତି ହିଁ ରାଜ୍ୟର ଆଇନ ଗଢ଼ିଲା।  ଲିପିର ପ୍ରଚଳନ ଏତେବେଳକୁ ହେଲାଣି, ଦେଶର ବ୍ୟବସ୍ଥାପକ ସଭା ଯେଉଁ ବ୍ୟବସ୍ଥା କଲା ତାହା ଲିପିବଦ୍ଧ ହେଲା। ଲୋକେ ନିଜର ସୁବିଧା ଅସୁବିଧା ନେଇ ନୂଆ ନୂଆ ବ୍ୟବସ୍ଥାମାନ ଗଢ଼ିଲେ। ମଣିଷ ସଭ୍ୟ ଯୁଗରେ ପହଞ୍ଚିବା ବେଳକୁ ଶାସନ ସଂସ୍ଥା କାହିଁ ରାଜନୈତିକ ଭିତ୍ତିରେ ଗଢ଼ା ହେଲାଣି, କାହିଁବା ହେବାକୁ ଯାଉଛି। ଦେଶ ଓ ଜାତି ଭେଦରେ ରାଜନୈତିକ ଅନୁଷ୍ଠାନ ଗୁଡ଼ିକରେ ଈଷତ୍ ପାର୍ଥକ୍ୟ ଦେଖା ଦେବା ସ୍ବାଭାବିକ।  ହେଲେ, ଏତେ ବେଳକୁ ସବୁ ଦେଶ ଓ ସବୁ ଜାତିର ଶାସନସଂସ୍ଥା ଲୋକଶାସିତ ଥିଲା। ଦେଶର ନାରୀ, ଦାସ ପ୍ରଭୃତି କେତେକ ଅଧିବାସୀ ରାଜନୈତିକ ଅଧିକାରରୁ ବଞ୍ଚିତ ହେଲେ ମଧ୍ୟ ଶାସନ ସଂସ୍ଥା ଏବେଠୁ ଲୋକଙ୍କର ଇଚ୍ଛାଧୀନ। ମୁକ୍ତ ଜନସାଧାରଣଙ୍କ ମଧ୍ୟରେ ରାଜନୀତି କ୍ଷେତ୍ରରେ ସାମ୍ୟ, ମୈତ୍ରୀ ଓ ଭ୍ରାତୃତ୍ବ ପ୍ରତିଷ୍ଠିତ ହେଲା।

# ସଭ୍ୟତାର ଆଗେ

କବି ରଘୁନାଥ ଦାସ

ଏହାପରେ ସଭ୍ୟତାର ଆଲୋକୋଜ୍ଜ୍ୱଳ ପଥ। ପଛରେ ରହିଗଲା ଲକ୍ଷ ଲକ୍ଷ ବର୍ଷର ଅଲେଖା ଇତିହାସ। କେତେ ସହସ୍ର ସଂଗ୍ରାମର ବିଜୟଗାଥା। ସମାଜର ଅନାହତ ଏହି ଗତିପଥରେ କେତେ ପ୍ରଥା ଗଢ଼ି ଉଠିଛି, କେତେ ପୁଣି ଲୋପ ପାଇଛି।  କେତେ ପୂଜାପଦ୍ଧତି ବେଳୁଁ ବେଳ ମଣିଷ ସୃଷ୍ଟି କରିଛି, କେତେ ଅନୁଷ୍ଠାନ ବି ଉଭେଇ ଯାଇଛି।  କେତେ ଶାସନର ସଂସ୍ଥା ଛିଡ଼ା ହୋଇଛି, କେତେ ବି ଭାଙ୍ଗିପଡ଼ିଛି। ଏହି ଦୀର୍ଘ ଐତିହ୍ୟର ସଂଭାର ଘେନି ସମାଜ  ପାଦ ଦେଲା ସଭ୍ୟତା ଉପରେ। ଯେବେ ଲିପିରେ ତାର ପାଦ ଚିହ୍ନ ଅଲିଭା ଅକ୍ଷରରେ ରହିଲା କାଳର ସୈକତ ଉପରେ।

ଆଦିମ ସମାଜ, ବିଷୟରେ ଏ ପୁସ୍ତିକା ଯେ ସ୍ଥୁଳ ଧାରଣା ହେଲା, ତାହାକୁ ସମୃଦ୍ଧ ଓ ପରିବର୍ତ୍ତିତ କରି ଲେଖକଙ୍କର ପରବର୍ତ୍ତୀ ଅବଦାନ 'ପ୍ରାଚୀନ କାଳରେ' ଗ୍ରୀକ୍ ଓ ରୋମ୍ ସଭ୍ୟତାରୁ ପାଶ୍ଚାତ୍ୟର ପରମ୍ପରା , ପ୍ରାଚୀନ ଆର୍ଯ୍ୟ ସଭ୍ୟତାରୁ ଭାରତୀୟ ପରମ୍ପରାକୁ ଫୁଟାଇବାକୁ ଯାଇ ପ୍ରାଚୀନ ସମାଜର ଅନୁଷ୍ଠାନ ଗୁଡ଼ିକ ବିଷୟରେ ଲେଖକ ଯେଉଁ ନୂତନ ଆଲୋକପାତ କରିଛନ୍ତି, ତାହା ଉପାଦେୟ; ସମସ୍ତଙ୍କର  ଉପଭୋଗ୍ୟ ହେବ ନିଶ୍ଚୟ ।

ସଂପାଦକ-ଗଣ ପ୍ରକାଶନ

www.jataayu.org